
www.preranaodia.com

# ପ୍ରେରଣା

## ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

ନଭେମ୍ବର ୨୦୧୮

ଦ୍ୱିତୀୟ ସଂସ୍କରଣ



ପ୍ରତିଷ୍ଠାତା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

# ପ୍ରେରଣା

ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା



ଭାଷା,ସାହିତ୍ୟ ଓ ଭାବନାର ମଧୁର ମିଳନ


ପ୍ରତିଷ୍ଠାତା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ଜହ୍ନିତଇଳା, ବାରଦା,

ଢେଙ୍କାନାଳ

ସମ୍ପାଦକ

ଶ୍ରୀ ଦେବୀ ପ୍ରସାଦ ସ୍ୱାଇଁ

ଜହ୍ନିତଇଳା, ବାରଦା,

ଢେଙ୍କାନାଳ

8908279130

8908279130

emagazineprerana@gmail.com

www.facebook.com/preranaodia/

# ଉପକ୍ରମ

ପ୍ରାରମ୍ଭରୁ ଓଡିଆ ସାହିତ୍ୟ ପ୍ରତି ବିଶେଷ ଦୁର୍ବଳତା ନଥିଲେ ମଧ, କିଞ୍ଚିତ୍ ଜିଜ୍ଞାସା ନିଶ୍ଚୟ ଥିଲା । ଯେବେ କେବେବି ବାପାଙ୍କର ଲେଖା କିଛି ପଢେ, ତାଙ୍କ ସୃଜନଶୀଳତା ଓ ସାହିତ୍ୟର ବୈସ୍ତୃତ୍ୟ ଦେଖି ଅତି ବିସ୍ମିତ ଲାଗେ । ତାଙ୍କ ଲେଖା ପରି ସୁନ୍ଦର ସାହିତ୍ୟ, ଲୋକଲୋଚନରୁ ଅଦୃଷ୍ଟ ରହିଗଲା କେବଳ ସୁଯୋଗ ଏବଂ ପ୍ରୋତ୍ସାହନ  ଅଭାବରୁ । ତାଙ୍କ ପରି ଅନେକ ସାହିତ୍ୟ ସାଧକ ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ଚତୁର୍ପାର୍ଶ୍ୱରେ ପ୍ରସାରିତ କରିବା ପୂର୍ବରୁ ଝଡି  ଯାଉଛନ୍ତି ।

ଓଡିଆ ସାହିତ୍ୟର ସେହି ଲୁକ୍କାୟିତ ତଥା ଅପ୍ରସଂଶିତ ସ୍ରଷ୍ଟା ମାନଙ୍କୁ ସୁଯୋଗ ଦେବା ଏବଂ ସେମାନଙ୍କର ଅପ୍ରକାଶିତ ରଚନା ଗୁଡିକୁ ଲୋକ ଲୋଚନକୁ ଆଣିବା ପାଇଁ ଏକ ମାଧ୍ୟମ ପ୍ରଦାନ କରିବାର ଏକ କ୍ଷୁଦ୍ର ପ୍ରଚେଷ୍ଟା "ପ୍ରେରଣା" । ଯେକୌଣସି ପ୍ରତିକୂଳ ପରିସ୍ଥିତିରେବି, ନିର୍ଭୀକ ଭାବରେ ନିଜର କର୍ମ କରି ଚାଲିବା ପାଇଁ, ବାପାଙ୍କ ଠାରୁ ଯେଉଁ ପ୍ରେରଣା ମିଳିଥିଲା, ସେହି ପ୍ରେରଣାକୁ ସାହିତ୍ୟ ପ୍ରେମୀ ବନ୍ଧୁ ମାନଙ୍କ ସହ ପ୍ରସାର କରି ଓଡିଆ ଭାଷା ସାହିତ୍ୟ ପ୍ରତି ନିଜର ସାମାନ୍ୟ ଅନୁଦାନ ଅର୍ପଣ କରିବା ପାଇଁ ହିଁ  "ପ୍ରେରଣା"ର ସୃଷ୍ଟି ।

ଏହି ମାଧମଟି ଆପଣଙ୍କୁ ସାମାନ୍ୟତମ ପ୍ରୋତ୍ସାହନ ପ୍ରଦାନ କଲେ ମୋର ଶ୍ରମ ସାର୍ଥକ ହେବା ଆଶାକରେ ।

**ସମ୍ପାଦକ**

**ପ୍ରେରଣା**

ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

# ସହୃଦୟ ପାଠକ ପାଠିକା ମାନଙ୍କ ପ୍ରତି...

ପ୍ରେରଣା ଇ-ପତ୍ରିକାକୁ ଶତ-ପ୍ରତିଶତ ନିର୍ଭୁଲ ଭାବରେ ପ୍ରକାଶ କରିବା ପାଇଁ ଆମ୍ଭେମାନେ ଚେଷ୍ଟିତ । ଯେହେତୁ ଏହା ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟିର ଏକ ସଂକଳନ ମାତ୍ର, ସେମାନଙ୍କର ଭାବ ଏବଂ ସାହିତ୍ୟିକ ତ୍ରୁଟିକୁ ପରିବର୍ତ୍ତନ କରିବା ସମ୍ଭବପର ନୁହେଁ । ଆମ୍ଭେ କେବଳ ଭାଷାଗତ ଏବଂ ଶବ୍ଦଗତ ତ୍ରୁଟିକୁ ସୁଧାରିବା ପାଇଁ ପ୍ରୟାସ କରିଛୁ । ଏହି ସବୁ ସତ୍ତ୍ୱେ ଯଦି କିଛି ବ୍ୟାକରଣଗତ ତ୍ରୁଟି ରହି ଯାଇଥାଏ ତେବେ ତାହା ସହୃଦୟ ପାଠକ ପାଠିକା ତଥା ବିଦଗ୍ଧ-ସାହିତ୍ୟ ସମୀକ୍ଷକମାନଙ୍କର ବିହଙ୍ଗାବଲୋକନରୁ  କଦାପି ଲୁଚି ରହି ପାରିବ ନାହିଁ, ତେଣୁ ସର୍ବାଦୌ ସେମାନଙ୍କ ନିକଟରେ  ତ୍ରୁଟି ଜଣାଇଁ କ୍ଷମା ଭିକ୍ଷା କରୁଅଛି । ଏହି ପତ୍ରିକାରେ ଯଦି ସେପରି କୌଣସି ଧର୍ମ ବହିର୍ଭୂତ ତଥା ବିରୋଧୀ ତତ୍ତ୍ୱ ପ୍ରକାଶ ପାଇଥାଏ ତେବେ ତାହା ଜଣାଇଲେ ତ୍ରୁଟି ମାର୍ଜନା ପ୍ରତି ଯତ୍ନବାନ ହେବୁ ।

## ବିଶେଷ କୃତଜ୍ଞତା

- ଶ୍ରୀ ବିଭୁଶ୍ରୀ ମିଶ୍ର, ଢେଙ୍କାନାଳ
- ଶ୍ରୀ ସନ୍ତୋଷ ସାଗର ମିଶ୍ର, ରଣପଶି,ଢେଙ୍କାନାଳ
- ଶ୍ରୀ ହୃଦୟାନନ୍ଦ ପଧାନ, ସୁବର୍ଣ୍ଣପୁର
- ଶ୍ରୀ ଶଶିକାନ୍ତ ସାହୁ,ଜହ୍ନିତଇଳା,ଢେଙ୍କାନାଳ

# ପ୍ରେରଣା ଇ-ପତ୍ରିକା ପ୍ରକାଶନର ନିୟମାବଳୀ :

- ପ୍ରେରଣା ଇ-ପତ୍ରିକା ଏକ ମାସିକ ସଂସ୍କରଣ ହୋଇଥିବାରୁ ପ୍ରିୟ ଲେଖକ/ଲେଖିକା ମାନେ ପ୍ରତି ମାସରେ ପ୍ରକାଶଯୋଗ୍ୟ ନିଜସ୍ୱ ଲେଖା ପଠାଇ ପାରିବେ ।
- ପ୍ରକାଶନ ପାଇଁ ପ୍ରେରିତ ଲେଖା ଗୁଡିକର ନକଲକୁ ଲେଖକ/ଲେଖିକା ମାନେ ନିଜ ପାଖରେ ସରଂକ୍ଷିତ କରି ରଖିବା ପାଇଁ ଅନୁରୋଧ । କାରଣ ଅମନୋନିତ ଲେଖା ଗୁଡିକ ଫେରସ୍ତ ହେବାର ବ୍ୟବସ୍ଥା ନାହିଁ ।
- ବର୍ତ୍ତମାନ ପ୍ରେରଣା ଇ-ପତ୍ରିକା ମୁଖ୍ୟତଃ ପଦ୍ୟ ଏବଂ ଗଦ୍ୟ ଏହି ଦୁଇଟି ବିଭାଗ କୁ ନେଇ ଗଠିତ ହୋଇଥିବାରୁ ପ୍ରତି ସଂସ୍କରଣ ପାଇଁ ପ୍ରିୟ ଲେଖକ/ଲେଖିକା ମାନେ ଅତିବେଶିରେ କେବଳ ଦୁଇଟି (ଗୋଟିଏ ଗଦ୍ୟ ଏବଂ ଗୋଟିଏ ପଦ୍ୟ) ଲେଖା ପଠାଇ ପାରିବେ ।
- ପ୍ରିୟ ଲେଖକ/ଲେଖିକା ମାନେ ନିଜସ୍ୱ ଲେଖା ପଠାଇବା ପାଇଁ www.preranaodia.com ରେ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ସହ ନିଜସ୍ୱ ଲେଖା ଅପ୍-ଲୋଡ କରିବା ଆବଶ୍ୟକ ।
- ପ୍ରତି ସଂସ୍କରଣ ପାଇଁ କେବଳ ଏହି ପଞ୍ଜୀକରଣ ଦ୍ୱାରା ଲେଖା ଗ୍ରହଣଯୋଗ୍ୟ ଅଟେ । ସୁତରାଂ ପ୍ରତି ସଂସ୍କରଣ ପାଇଁ ଲେଖକ/ଲେଖିକା ମାନେ ଲେଖାକୁwww.preranaodia.com ରେ ଅପ୍-ଲୋଡ କରିବାକୁ ପଡିବ । ପଞ୍ଜୀକରଣ ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆମ ସହ ଯୋଗାଯୋଗ କରିବାକୁ ଅନୁରୋଧ ।
- ପ୍ରିୟ ଲେଖକ/ଲେଖିକା ମାନେ ପଞ୍ଜୀକରଣ ଫର୍ମ ରେ ପ୍ରଦତ୍ତ ସ୍ଥାନରେ ନିଜସ୍ୱ ଲେଖାକୁ ଓଡିଆ ରେ ଲେଖି ପାରିବେ କିମ୍ବା କେବଳ  ମାଇକ୍ରୋସଫ୍ଟ ୱାର୍ଡ ବା ପିଡିଏଫ୍ ଫାଇଲ ଦ୍ୱାରା ଲେଖା ଅପ୍-ଲୋଡ କରିପାରିବେ ।

❖ ଇ-ମେଲ କିମ୍ବା ହ୍ଵାଟସ୍‌ଆପ୍ ଦ୍ଵାରା ପ୍ରେରିତ ଲେଖା ଗ୍ରହଣୀୟ ନୁହେଁ । ତେଣୁ ସହୃଦୟ ଲେଖକ/ଲେଖିକା ମାନେ ଲେଖା ପଠାଇବା ପାଇଁ ଏହାର ବ୍ୟବହାର ନକରିବା ପାଇଁ ବିଶେଷ ଅନୁରୋଧ ।

❖ ପ୍ରିୟ ଲେଖକ / ଲେଖିକା ମାନଙ୍କୁ ବିଶେଷ ଅନୁରୋଧ – ଅନ୍ୟ କୌଣସି ପତ୍ରିକାକୁ ପ୍ରକାଶ କରିବା ପାଇଁ ପଠାଇଥିବା ଲେଖା "ପ୍ରେରଣା" କୁ ପଠାନ୍ତୁ ନାହିଁ କିମ୍ବା "ପ୍ରେରଣା" କୁ ପଠାଇଥିବା ଲେଖା ଅନ୍ୟ କୌଣସି ପତ୍ରିକାକୁ ପଠାନ୍ତୁ ନାହିଁ ।

❖ ଲେଖା ଚୟନ କେବଳ ସମ୍ପାଦନା ମଣ୍ଡଳୀ ଦ୍ଵାରା ସ୍ଥିରୀକୃତ ହୋଇଥାଏ । ଲେଖକ/ଲେଖିକା ମାନେ ଏହା ଉପରେ କୌଣସି ଅଭିଯୋଗ ରଖିପାରିବେ ନାହିଁ । ଲେଖାଗୁଡିକ କୌଣସି ଧର୍ମ ବହିଃର୍ଭୂତ ତଥା ବିରୋଧୀ ତତ୍ତ୍ଵ ଉପରେ ଆଧାରିତ ନ ହେବା ଆବଶ୍ୟକ ।

❖ ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ଲେଖା ତଥା ଏହାର ୱେବସାଇଟ ରେ ପ୍ରଦତ୍ତ ତଥ୍ୟ ସମ୍ପାଦକଙ୍କ ଅନୁମତି ବିନା କୌଣସି ପତ୍ର-ପତ୍ରିକା ରେ ପ୍ରକାଶିତ ହେବା ଅପରାଧ ବୋଲି ବିବେଚନା କରାଯିବ । ସୁତରାଂ ଏଥି ନିମନ୍ତେ ସମ୍ପାଦକଙ୍କ ଠାରୁ ଲିଖିତ ଅନୁମତି ଆବଶ୍ୟକ ।

❖ ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଉଭୟ ପ୍ରକାଶକ ଏବଂ ଲେଖକ/ଲେଖିକା ମାନଙ୍କ ପାଖରେ ସର୍ବଦା ସରଂକ୍ଷିତ । ତେଣୁ ନିଜସ୍ଵ ଲେଖା କୁ ସୋସିଆଲ ମିଡିଆ/ନେଟୱର୍କରେ ପ୍ରଚାର ଏବଂ ପ୍ରସାର ନିମନ୍ତେ ସେୟାର୍ କରିବାର ସମ୍ପୂର୍ଣ ଅଧିକାର ପ୍ରିୟ ଲେଖକ/ଲେଖିକା ମାନଙ୍କର ଅଛି ।

**ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା, ଲେଖକ/ଲେଖିକା ମାନଙ୍କର ନିଜସ୍ଵ ସୃଷ୍ଟି ହୋଇଥିବାରୁ ଯେକୌଣସି ବାଦାନୁବାଦ ପାଇଁ କେବଳ ଲେଖକ/ଲେଖିକା ମାନେ ଉତ୍ତରଦାୟୀ ରହିବେ ।ଏଥିରେ ପ୍ରକାଶକ, ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ଵ ରହିବ ନାହିଁ ।**

# ସଂପାଦକୀୟ...

**ପ୍ରିୟ ସାହିତ୍ୟ ପ୍ରେମୀ,**

ମନୁଷ୍ୟ ଜନ୍ମର ସାର୍ଥକତା ତା'ର କର୍ମ ଦ୍ୱାରା ସ୍ଥିରିକୃତ ହୋଇଥାଏ । ପୁର୍ନଜନ୍ମବାଦ ମତ ଅନୁଶାରେ ବହୁ ଜନ୍ମର ପୁଣ୍ୟ ବଳରେ ମାନବ ଜନ୍ମ ପ୍ରାପ୍ତ ହୋଇଥାଏ । ଏହି ଜନ୍ମରେ ମନୁଷ୍ୟ ବୁଦ୍ଧି-ବିବେକ,ଭାବନା ଶକ୍ତି ଆଦି କିଛି ବିଶେଷ ଗୁଣର ଅଧିକାରୀ ହୋଇଥାଏ । ଯଦ୍ୱାରା ସେ ଅନ୍ୟ ପ୍ରାଣୀଙ୍କ ଠାରୁ ଭିନ୍ନ ଅଟେ । ଏହି ବିଶେଷ ଗୁଣର ସଦୁପଯୋଗ ଦ୍ୱାରା ତାର ମାନବ ଜନ୍ମର ସାର୍ଥକତା ପ୍ରତିପାଦିତ ହୋଇଥାଏ ।

କିନ୍ତୁ ବର୍ତ୍ତମାନ ସମାଜରେ ଏହାର ବ୍ୟତିକ୍ରମ ପରିଦୃଷ୍ଟିତ ହୁଏ । ଆଜିର ମାନବ ଲୋଭଗ୍ରସ୍ତ, ହିଂସାଗ୍ରସ୍ତ ଓ ନିଶାଶକ୍ତ ହୋଇଯାଇଛି । ବାଟହୁଡି ଅବାଟର ଦ୍ୱାରସ୍ଥ ହୋଇ, ଅବାଟକୁ ଆପଣେଇ ନେଇଛି । ବିବେକହୀନ ହୋଇ ନାନା ପାପ କର୍ମରେ ଲିପ୍ତ ରହୁଛି । ବିବେକହୀନ ମନୁଷ୍ୟ ପଶୁତୁଲ୍ୟ ବୋଲି ଶାସ୍ତ୍ରମତ ଅଛି । ତେଣୁ ଯଥାର୍ଥ ରେ କବି କହିଛନ୍ତି –

"ଶରୀରେ ନଥିଲେ ବିବେକ-ଜ୍ଞାନ-ମାନବିକତା ।
ପଶୁସଙ୍ଗେ ଗଣା ମନୁଷ୍ୟ ମନେରଖ ଏ କଥା ॥
ଦେଖ ଗାଈ ଭିଡି ଖାଉଛି ବସ୍ତା ପାଟିରୁ ଘାସ ।
ମାନବୀ ଶିଶୁକୁ ଖୁଆଏ ନିଜେ ରହି ଉପାସ ॥
ବାତ୍ସଲ୍ୟ ମମତା ଅବଶ୍ୟ ଅଛି ପଶୁର ଠାରେ ।
ବିବେକ ଜ୍ଞାନର ଅଭାବ ରହି ଅଛି ତା' ଠାରେ ॥"

(ବାଟ ଅବାଟ କବିତା ସଂକଳନରୁ ଉଦ୍ଧୃତ..)

ଯୁଗ ପରିବର୍ତ୍ତନ ସହ ସମାଜରେ ହିଂସା,ଚୋରୀ,ଅତ୍ୟାଚାର ଆଦି ଅନେକ ପାପକର୍ମର ମାତ୍ରା ଯଥେଷ୍ଟ ବୃଦ୍ଧି ଘଟିଛି । ନାରୀ ମାନେ ଆଜି ଅବହେଳିତ, ଅତ୍ୟାଚାରିତ ତଥା ନିଷ୍ପେଶିତ । ଧନୀ ଆଉ ଗରିବ ମଧ୍ୟରେ ଆଜି ଅନେକ ଦୂରତ୍ୱ । ବିଜ୍ଞାନର ଦ୍ରୁତ ଅଗ୍ରଗତି ସାଙ୍ଗକୁ ବହୁ କାର୍ଯ୍ୟ ସହଜସାଧ୍ୟ ଏବଂ ସମ୍ଭବପର ହେଉଥିଲେ ମଧ୍ୟ ଏହାର ଦୁରୁପଯୋଗ ଏବେ ବଡ଼ ଚିନ୍ତାର ବିଷୟ ! ଯାହାକି ଭବିଷ୍ୟତରେ ମାନବ ସମାଜକୁ ଧ୍ୱଂସାଭିମୁଖୀ କରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ପରିଶେଷରେ ପରିବର୍ତ୍ତନବାଦ ଉପରେ ବିଶ୍ୱାସ ରଖୁଥିବା ମନୁଷ୍ୟ ନିଜେ ପରିବର୍ତ୍ତନ ହେବାକୁ କୁଣ୍ଠାବୋଧ କରେ । ନିଜେ ପରିବର୍ତ୍ତନ ଅପେକ୍ଷା ସମାଜ ପରିବର୍ତ୍ତନକୁ ଅଧିକ ଆଶାରଖିଥାଏ । ଏଣୁ ସୁସ୍ଥ ସମାଜ ପାଇଁ ଯେ ଏକ ପରିବର୍ତ୍ତନର ଆବଶ୍ୟକତା ଅଛି ଏହାକୁ କେହି ଏଡାଇ ଦେଇପାରିବେ ନାହିଁ । ପ୍ରତ୍ୟକ ମନୁଷ୍ୟ ନିଜର କର୍ତ୍ତବ୍ୟ ପ୍ରତି ସଚେତନ ରହି ପରୋପକାର,ଇଶ୍ୱର ଭକ୍ତି,ପିତା-ମାତା ସେବା ଆଦି କର୍ମରେ ସର୍ବଦା ନିମଗ୍ନ ହେବା ଆବଶ୍ୟକ । ଏହା ଦ୍ୱାରା ମନୁଷ୍ୟର ଧାର୍ମିକ ଏବଂ ଆଧାତ୍ମିକ ଜ୍ଞାନର ବିକାଶ ଘଟେ । ଜୀବବନ୍ଧ,ନିଶା,କ୍ରୋଧ,ହିଂସା-ଈର୍ଷା,ଜାତିଭେଦ,ଚୋରୀ ଏବଂ ଅଂହକାର ଠାରୁ ନିଜକୁ ସର୍ବଦା ଦୂରରେ ରଖିବା ଆବଶ୍ୟକ । ମାନବ ଜନ୍ମ ଏକ ଦୁର୍ଲଭ ଜନ୍ମ ହୋଇଥିବାରୁ ତା'ର ସାର୍ଥକତା ପ୍ରତି ସର୍ବଦା ଯତ୍ନବାନ ହେବା ଉଚିତ୍ ।

ଆସନ୍ତୁ ସଭିଏଁ ନିଜେ ପରିବର୍ତ୍ତନ ହୋଇ ସମାଜର ପରିବର୍ତ୍ତନ ଧାରାରେ ନିଜକୁ ସାମିଲ କରିବା ।

**ଦେବୀ ପ୍ରସାଦ ସ୍ୱାଇଁ**

**ସମ୍ପାଦକ**

# ସୂଚୀପତ୍ର


| କ୍ର.ସଂ | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ଶ୍ରୀରାମ ସ୍ତୋତ୍ରମ୍ | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୧୧ |
| | **ପଦ୍ୟ ବିଭାଗ** | | |
| ୨. | ଆକାଶ ପ୍ରତି | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୧୪ |
| ୩. | କ୍ଷତବିକ୍ଷତ ମାଆ | ଶୁଭ ରଞ୍ଜନ ପୃଷ୍ଟି | ୧୭ |
| ୪. | ପ୍ରତାରଣା | ଅଶୋକ କୁମାର ଦାସ | ୧୯ |
| ୫. | ଶେଷ ପ୍ରହର... | ସସ୍ମିତା ବେହେରା | ୨୧ |
| ୬. | ମା' ତୁ ମମତାମୟୀ | ଅଲେଖ ଚନ୍ଦ୍ର ବେହେରା | ୨୩ |
| ୭. | ସପ୍ତଶଯ୍ୟା | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୨୫ |
| ୮. | ସ୍ୱପ୍ନ ନାୟିକା | ସୌମ୍ୟ ରଞ୍ଜନ ସ୍ୱାଇଁ | ୨୭ |
| ୯. | ପରିବର୍ତ୍ତନର ସ୍ୱର ନାରୀ | କାଜଲ ସ୍ୱାଇଁ | ୨୯ |
| ୧୦. | ବିଚିତ୍ର ଭଗବାନ | ହୃଦୟାନନ୍ଦ ପଧାନ | ୩୨ |
| ୧୧. | ତୁମ ବିନା କେହି ନାହିଁ ସାହା | ସୁରେସ ଚନ୍ଦ୍ର ରାଉତ | ୩୪ |
| ୧୨. | କିଛି ଅଭୂଲା ସ୍ମୃତି | ବିଶ୍ୱଜିତ ବରାଳ | ୩୬ |
| ୧୩. | ଓଁ॥ପ୍ରଭୁ ଆର୍ତ୍ତତ୍ରାଣ॥ଓଁ | ଆର୍ତ୍ତତ୍ରାଣ ଖୁର୍ଦିଆ | ୩୮ |
| ୧୪. | ଶ୍ମଶାନ | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୩୯ |

| କ୍ର.ସଂ | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| | **ଗଦ୍ୟ ବିଭାଗ** | | |
| ୧୫. | ବ୍ରହ୍ମଚର୍ଯ୍ୟ ତପୋତ୍ତମମ୍ | ଲଳିତ କବି ଧ୍ରୁବ ଚରଣ ସ୍ଵାଇଁ | ୪୪ |
| ୧୬. | କନ୍ୟା ରତ୍ନ | ରାଧାମୋହନ ମିଶ୍ର | ୪୯ |
| ୧୭. | ଜୀବନ | ପୀତାମ୍ବର ମିଶ୍ର | ୫୨ |
| ୧୮. | ଏକ ନିର୍ଦ୍ଦିଷ୍ଟ ତାରା | ପ୍ରିୟଙ୍କା ସାହୁ | ୫୫ |

# ଶ୍ରୀରାମ ସ୍ତୋତ୍ରମ୍

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ରାମାଭି ରାମଂ ନୟନାଭି ରାମଂ
ରାଜିବ ନେତ୍ରଂ ଦୁର୍ବାଦଳ ଶ୍ୟାମଂ ।
ଧାର୍ମିକଂ ବିପ୍ର- ପ୍ରୀୟଂ ସତ୍ୟସନ୍ଧଂ
ସ୍ମରାମି ରାମଂ ରଘୁକୁଳ ଚନ୍ଦ୍ରଂ ॥

କୌଶଲ୍ୟା ଗର୍ଭ- ସିନ୍ଧୁ ସମୁଦ୍ଭବଂ
ଜନକ ସୁତା- କୁମୁଦ-ବାନ୍ଧବଂ ।
ସମୁଦ୍ର ବକ୍ଷେ କୃତଃ ସେତୁବନ୍ଧଂ
ସ୍ମରାମି ରାମଂ ରଘୁକୁଳ ଚନ୍ଦ୍ରଂ ॥

ବୈମାତୃ ପ୍ରିୟଂ ପିତୃସତ୍ୟ ବ୍ରତଂ
ଭାତୃ-ବତ୍ସଳଂ ପ୍ରଜାହିତ ରତଂ ।
ବାୟୁ ତନୁଜଂ ସେବିତଂ ଶ୍ରୀପଦଂ
ସ୍ମରାମି ରାମଂ ରଘୁକୁଳ ଚନ୍ଦ୍ରଂ ॥

କରୁଣା ସିନ୍ଧୁ କଳିମଳ ହରଂ
ଦନୁଜ ବୈରୀ ଶର ଚାପଧରଂ ।
ସମୁଚ୍ଛେଦନ କୃତଃ ଦଶକନ୍ଧଂ
ସ୍ମରାମି ରାମଂ ରଘୁକୁଳ ଚନ୍ଦ୍ରଂ ॥

ବଲ୍କଳ ବାସଃ    ଜଟା ଜୁଟଧାରୀ
ଯଜ୍ଞ ରକ୍ଷକଂ    ମୁନିମନ ହାରୀ ।
ମର୍ଯ୍ୟାଦା ରୂପଂ   ନମେ ରାମଭଦ୍ରଂ
ସ୍ମରାମି ରାମଂ    ରଘୁକୁଳ ଚନ୍ଦ୍ରଂ ॥

**ଜହ୍ନିତଇଳା, ଢେଙ୍କାନାଳ**

# ପଦ୍ୟ ବିଭାଗ

# ଆକାଶ ପ୍ରତି

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ଅନନ୍ତ ନୀଳିମାମୟ ହେ ମହା ଆକାଶ
ମହାଭାବ ଉପୁଜଇ ଦେଖି ତୋତେ ମନେ ।
ସୃଷ୍ଟିର ହୁଅଇ ଯେବେ ପ୍ରଥମ ପ୍ରକାଶ
ତୋ ଶାଶ୍ୱତ ତନୁ  ବିଭୁ ଗଢିଲେ କେସନେ ॥

ନିଶବ୍ଦ ବ୍ରହ୍ମରୁ ଜାତ ଶବ୍ଦମୟ ବ୍ରହ୍ମ-
ହେ ମହାତେଜସ୍ୱୀ ନଭଃ ଜ୍ୟୋତିର୍ମୟ ତନୁ ।
ତାରିବାକୁ ଅବହେଳେ ତୁହି ଏକ କ୍ଷମ
ଏ ଭବ ତାପିତ ଜୀବେ ତ୍ରୀତାପ କଷଣୁଁ ॥

ଅସଂଖ୍ୟ ନକ୍ଷେତ୍ରରାଜି  ରତ୍ନହାର ସମ
ଉଜ୍ୱଳନ୍ତି ଦିବାନିଶି ତୋ ବିଶାଳ ବକ୍ଷ ।
ଦେଖନ୍ତି ମାନବଲୀଳା ବିସ୍ତାରି ନୟନ
ଶାଶ୍ୱତ ଅମର ଆତ୍ମା ପରାୟେ ପ୍ରତକ୍ଷ ॥

ନିବିଡ ତମସାଚ୍ଛନ୍ନ ଚତୁର୍ଦ୍ଦଶ ପୁର
କରୁଣା-ଜ୍ୟୋତିଃରେ ତୋର ହୁଏ ଉଦ୍ଭାସିତ ।
ନିମିଷ ମାତ୍ରକେ ହେଲେ ଅନୁଗ୍ରହ ଦୃର
ଭୀମ ଅନ୍ଧକୂପେ ସୃଷ୍ଟି ହୋଇବ ନାଶିତ ॥

ତୋ ନୀଳ ସାଗର-ବକ୍ଷେ ମହାନନ୍ଦ ମନେ
ଦିବା ନିଶି  ସଂଚରଇ ସମୀର-ତରଙ୍ଗ ।
ଉତ୍ତାଳ ଲହରୀ ସମ ଭୀମ-ପ୍ରଭଞ୍ଜନେ
ପ୍ରକମ୍ପିତ ହୁଏ ଭବ-ତରଣୀର ଅଙ୍ଗ   ॥

କ୍ଷୀରାବ୍ଧି ଶାୟିତ ବିଷ୍ଣୁ ନୀଳ କଳେବର
ପ୍ରକ୍ଷାଳନ୍ତି ଯଥା ଉର୍ମି-ସାଗର ଦୁଲାଳୀ   ।
ସୁନିର୍ମଳ ଜଳେ ତଥା ତୋତେ ନୀଳାମ୍ବର
ପ୍ରକ୍ଷାଳନ୍ତି ପ୍ରେମମୟୀ କାଦମ୍ବିନୀବାଳୀ  ॥

ଅସଂଖ୍ୟ ନୟନାତୀତ ନିହାରିକା ଶ୍ରେଣୀ
କୁମାରୀ ପ୍ରାୟେ କ୍ରୀଡନ୍ତି ତୋ ନିଭୃତ କୋଳେ  ।
କନ୍ୟା-ସ୍ୱଭାବ ସୁଲଭ ଆଦର୍ଶକୁ ଘେନି
କ୍ରିଡାନତ ଚାରୁମୁଖ ଦେଖାନ୍ତି ନିରୋଳେ  ॥

ଚନ୍ଦ୍ରାଲୋକେ ଉଦ୍‌ଭାସିତ ଧରଣୀ-ତଳପ
ତୋ ପ୍ରଶାନ୍ତ ଛବି ଦେଖି ପ୍ରେମ ଅନୁଭବେ  ।
ସୁବିସ୍ତୀର୍ଣ୍ଣ ରତ୍ନମୟ ଚାରୁ ଚନ୍ଦ୍ରାତପ-
ବିବଦ୍ଧ ଯେସନ ତୁଙ୍ଗ ଦିଗ୍‌ବଳୟ-ସ୍ତମ୍ଭେ  ॥

ତୋ ଶ୍ୟାମଳ ଅଙ୍ଗେ ଭୀମକାନ୍ତ ଜଳଧର
ବିଳସଇ ଯେବେ ବଜ୍ର ଗମ୍ଭୀର ଗର୍ଜନେ  ।
ବିଦ୍ୟୁତ ତ୍ରାସିତ-ଅଟ୍ଟହାସେ ଭୟଙ୍କର
ମହାଭୟ ଉପୁଜଇ ପାର୍ଥିବ ଜୀବନେ   ॥

ଚାରୁ ଇନ୍ଦ୍ରଧନୁ-ମାଳା ଲମ୍ବାଇ ତୋ ଗଳେ
ହସେ ଯେବେ ଅସ୍ତାଚଳେ ଦେଖି ତୋତେ ରବି ।
ସ୍ୱର୍ଗୀୟ ସୁଷମାଢାଳେ ବାରୁଣୀ ମଣ୍ଡଳେ
ତପ୍ତ ଜମ୍ବୁ ନଦ ସମ ଆଙ୍କି ରକ୍ତଛବି ॥

ପ୍ରଭାତେ ପ୍ରଦୋଷେ ମୁକ୍ତ ବିହଙ୍ଗମ କୁଳେ
ବିହରି କରନ୍ତି ନିତ୍ୟ ତୋପୁର ଚହଳ ।
ସାଦରେ ସେନେହେ ବକ୍ଷେ ଘେନି ପ୍ରେମାକୁଳେ
ତୋଷୁଥାଉ ନୀଳାମ୍ବର ସକଳ ଅନ୍ତର ॥

ଅଶେଷ ବ୍ରହ୍ମାଣ୍ଡ ଧରେ ତୋ ଅନନ୍ତ ଗର୍ଭେ
ଅପାର ମହିମା ତୋର ବର୍ଣ୍ଣିବ କେ କହ ?
ତୋ ଅବ୍ୟକ୍ତ ଗର୍ଭୁଁ ନିତ୍ୟ ଜାତ ହୋଇ ସର୍ବେ
ଅନ୍ତିମେ ନିଅନ୍ତି ପୁଣି ସେ ଗର୍ଭେ ଆଶ୍ରୟ ॥

ଜହ୍ନିତଇଳା, ଢେଙ୍କାନାଳ

# କ୍ଷତବିକ୍ଷତ ମାଆ

ଶୁଭ ରଞ୍ଜନ ପୃଷ୍ଟି

କ୍ଷତବିକ୍ଷତ ମୋ ମାଆର ଶରୀର
କଳୁଷିତ କିଛି ସନ୍ତାନ ପାଇଁ ।
ମୂର୍ତ୍ତିକୁ ପୁଜନ୍ତି ଧୂପ ଦୀପ ଦେଇ
ଜୀବନ୍ତକୁ ଟିକେ ସମ୍ମାନ ନାହିଁ ॥

ଦୁଷ୍କର୍ମୀର ଦୁଷ୍ଟ ଦୁରାଚାର ପାଇଁ
ମାଆର ପଣତ ଯାଇଛି ଭିଜି ।
ପୀଡିତାଟେ ଆଜି ପାଗଳିନୀ ପ୍ରାୟ
ଜୀବନଟା ଯାହା ଲାଗିଛି ବାଜି ॥

ମୂର୍ତ୍ତି ସିନା କେବେ କଥା କହେନାହିଁ
କଥା କହେ ରକ୍ତ ମାଂସ ଶରୀର ।
ମୂର୍ତ୍ତି ପାଇଁ ଯଦି ଏତେ ଭାବାବେଗ
ବାସ୍ତବକୁ କାହିଁ ଏ ଅତ୍ୟାଚାର ॥

ନାରୀତ ଜନନୀ ନାରୀତ ଭଗିନୀ
ନାରୀ ବିନା ନାହିଁ ସୃଷ୍ଟିର ସୃଷ୍ଟି ।
ସୃଷ୍ଟିକାରକୁ ବି ପଚାରି ବୁଝିବ
ନାରୀ କରୁଣାର ଅକ୍ଷୟ ବୃଷ୍ଟି ॥

ନାଦିଆ ଠୁ ବଳି ନର୍ଦ୍ଦମା ଯନ୍ତ୍ରଣା
ନିତି ଖବରରେ ନୂଆ ଘଟଣା   ।
ନ୍ୟାୟ ବ୍ୟବସ୍ଥାତ ସଂଖ୍ୟାରେ ସୀମିତ
ନିତି ହୁଏ କେତେ ସପନ ଚୁନା   ॥

ରାମ ଚରିତ୍ରରୁ ପୁରୁଷର ଧର୍ମ
ଟିକିଏ ବି ଶିଖି ପାରିଲେ ନାହିଁ   ।
ଆଜିବି ଗୃହରେ କାନ୍ଦୁଚି ଗୃହିଣୀ
ଲୁଚିଲୁଚି ମୁଣ୍ଡେ ଓଢଣା ଦେଇ   ॥

ଶ୍ରୀକୃଷ୍ଣ ବି ଦିନେ ଶିରି ରଖିଥିଲେ
ଦ୍ରୌପଦୀକୁ କୋଟି ବସ୍ତ୍ର ପିନ୍ଧେଇ   ।
ସେ ଭାରତ ବର୍ଷେ ବିଳାପେ ନାରୀଟେ
ଗଣତନ୍ତ୍ର ତାକୁ ଦିଏ ଭଣ୍ଡେଇ   ॥

ସଂସ୍କୃତିର ଦେଶ ସଂସ୍କାର ଭୁଲିଛି
ପ୍ରସିଛି କିଛିଟା ନର ରାକ୍ଷସ   ।
ନାରୀକୁ ସମ୍ମାନ ଦେଇ ନ ଶିଖିଲେ
ଲକ୍ଷ୍ମୀଛଡ଼ା ହେବ ଭାରତ ଦେଶ   ॥

**ଗୋପାଳପୁର,କଟକ**

# ପ୍ରତାରଣା

ଅଶୋକ କୁମାର ଦାସ

ଦେଇପାରିଲିନି ମଥାରେ ଓଢ଼ଣି
ହାତ କୁ ଦିପଟ ଶଙ୍ଖା
ପ୍ରେମ ଯଦି ମୋର ହେଇଥିବ ସତ
ଆର ଜନମେ ହେବଲୋ ଦେଖା...

ଯେଉଁ ସମ୍ପର୍କ କୁ ସଜେଇ ଥିଲି ମୁଁ
ମୋ ପ୍ରେମର ପରଶ ଦେଇ
ସେଇ ସବୁ ଆଜି ଚୁନା ହେଇଯାଏ
ପ୍ରିୟା ତୋ ପ୍ରତାରଣା ପାଇଁ...

ତୁ ସିନା ଭୁଲିଲୁ ମୋତେ କଥା ଦେଇ
ହେଲେ ମୁଁ ଭୁଲି ପାରିଲି ନାହିଁ
ଥିବା ଯାଏଁ ଏଇ ଜୀବନ ମୋର ଲୋ
ରହିବି ତୋ ବାଟ ଚାହିଁ...

କହି ଯାଇଥିଲୁ ଯେଉଁ କଥା ପ୍ରିୟା
ସେକଥା ପଡୁଛି ମନେ
କେବେ ହସି ଦିଏ କେବେ ଲୁହ ଝରେ
ରାତିର ଏକାନ୍ତ ବନେ...

ଜୀବନରେ ଥିଲା ଯେତେ ଆଶା,ଅଭିଳାଷା
ସେ ସବୁ ରହିଲା ନାହିଁ
ଯେତେ ଥର ପ୍ରିୟା ପଲକ ବୁଜିଲେ
ତୋ ଚାନ୍ଦ ମୁହଁ ଦିଶୁଥାଇ...

ପିପିଲି,ପୁରୀ

# ଶେଷ ପ୍ରହର...

ସସ୍ମିତା ବେହେରା

ଏଇ ତ ରାତିର ଶେଷ ପ୍ରହର
ଫୁଲ ଫୁଟିବାର ବେଳ
ସଦ୍ୟ ଫୁଟା ଶେଫାଳୀ ବାସ୍ନାରେ
ମହକି ଯାଏ ମୋ ଅଗଣା...

ସବୁଦିନ ପରି ଆଜି ବି
ଯବନିକା ପଡିଲା ଏକ
ତନ୍ଦ୍ରା ବିଜଡ଼ିତ ରାତି ର...

ତଥାପି ଆଖି୍ କୁ ନିଦ ଆସେନି
କାହିଁ କେତେ ବେହିସାବ ଫଗୁଣ
ଆସି ଫେରି ଗଲେଣି..

ସାମୁଦ୍ରିକ ଝଡ ବି
ମୋତେ ପ୍ରକୃଷ୍ଟିତଃ କରିପାରିନି
ସମୟ ସତେ ଯେମିତି ହାରି ଯାଇଛି...

ଗୋଟେ ମୁହୂର୍ତ୍ତର  ବିରତି ନଥାଏ
ତୁମ ମାୟା ସ୍ମୃତିରୁ...
ଚାତକର ମନ ନେଇ  ବଞ୍ଚିଛି ଯାହା
ଶେଷ ତୃଷ୍ଣା ମେଣ୍ଟିଯିବ
ତୁମ ସହ ଅନ୍ତିମ ମିଳନରେ...

ଅଯୁତ ଯୁଗର ଅଭିମାନ ଅପସରି ଯିବ
ତୁମ ଆଗମନରେ....

ଯୁଗ ଯୁଗର ପ୍ରତୀକ୍ଷା ବିଦାୟ ମାଗୁଥିବେ
ସ୍ୱତନ୍ତ୍ର ସକାଳରେ ଅରୁଣର ଆଭା
ପୂର୍ବାକାଶକୁ ଲୋହିତ ବର୍ଣ୍ଣରେ ସଜେଇ ଥିବ...

ଆଉ ମୁଁ ଫେରି ଯାଉଥିବି
ନ ଥିବ କିଛି ଅବଶୋଷ କି ଅଭିଳାଷା
ଲୁହ ଅନୁରୋଧ ଜୁଇ ରେ ଥାକ କରି
ଅଫେରା ଦେଶର ବାଟୋଇ ଟେ ହୋଇ....

ସୋଲାର, ଛତିଆ, ଯାଜପୁର

# ମା' ତୁ ମମତାମୟୀ

ଅଲେଖ ଚନ୍ଦ୍ର ବେହେରା

ମା' ସ୍ନେହର ତୁ ପ୍ରତିମୂର୍ତ୍ତି
ମମତାର ତୁହି ଅମୃତ ଭଣ୍ଡାର କୋଳରେ ତୋ ସ୍ୱର୍ଗ ଶାନ୍ତି
ତୋର ପାଦ ଧୋଇ ଦେଲେ ପାଇ,
ଗଙ୍ଗା ଜଳ ଲୋଡା ନାହିଁ
ତୋ ଆଶିର୍ବାଦ ମୋ ସୁଦର୍ଶନ ଚକ୍ର,
ବିଜୟ ତୋ ମିଠା ଉକ୍ତି ।।୧

ମା' ଚିରା ପଣତଟି ତୋର
ପତିତପାବନ ମୋର ,
ହାତ ରନ୍ଧା ତୋ ଶାଗ-ପଖାଳ
ପଞ୍ଚାମୃତ ଠୁ ଲାଗେ ମଧୁର
କଅଁଳ ସ୍ୱରରେ ମା' ଡାକି ଦେଲେ,
ସବୁ ରାଗ ତୋର ଶାନ୍ତି ।।୨

ଯେବେ ବିଷାଦରେ ଥାଏ ମୁହିଁ
ତୋ ହାତ ମୋ କପାଳେ ଥୋଇ ,
ଧୀରେ ଆଉଁସି ନେଉ ବୁଲେଇ
ଧନ ବୋଲି ଡାକି ଦେଉ ତୁହି
ଶୂନ୍ୟ ହୃଦୟ ମୋ ପୁର୍ଣ୍ଣ ହୋଇଯାଏ,
ଚିନ୍ତା ହୋଇଯାଏ କିର୍ତ୍ତୀ ।।୩

ସବୁ ଦୋଷ ମୋର ଢାଙ୍କି ଦେଉ
ମାଟି ପରି ସବୁ ସହିଯାଉ ,
ତୁ ହିଁ କେବଳ ଏକା ଦେଇ ପାରୁ ନିସ୍ୱାର୍ଥ ଅମୁଲ ପ୍ରୀତି
କୋଟି କୋଟି ଦଣ୍ଡବତ ତୋ ପାଦରେ ,
କୋଟି କୋଟି ମୋ ବିନତୀ
ମା' ସ୍ନେହର ତୁ ପ୍ରତିମୂର୍ତ୍ତି।। ୪

**ଅଙ୍ଗାରବନ୍ଧ, ଅନୁଗୋଳ**

# ସପ୍ତଶଯ୍ୟା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

(ସପ୍ତଶଯ୍ୟା କାବ୍ୟରୁ ଉଦ୍ଧୃତ .....)

ଛନ୍ଦହୀନ-ଗନ୍ଧହୀନ-ରସଶୂନ୍ୟ
ସାହିତ୍ୟ-କାନନେ କବିତା-କୁସୁମ ।
ଭୂଷଣ ବିହୀନା ନଗ୍ନ-ବିବସନା
କବିତା-ରୂପସୀ ଭୋଗେ ନୀର୍ଯ୍ୟାତନା ॥

ଉତ୍କଳ ସାହିତ୍ୟ-ଗଗନ-ଭାସ୍କର
ଥିଲେ ଯେ ପ୍ରତିଭାବନ୍ତ ଉର୍ଜ୍ଜସ୍ୱଳ ।
ଜରାଜିର୍ଣ୍ଣ-ଶ୍ଳଥଚର୍ମ-ଅବୟବ
ବହିଛନ୍ତି କବି-ଅମର-ଗୌରବ(୧) ॥

ହେ ବିଦଗ୍ଧ କବି ! ସାହିତ୍ୟ-ରସିକ
ମ୍ରିୟମାଣ ତବ ଜୀବନ-ପ୍ରଦୀପ ।
ସଂଗ୍ରାମାନ୍ତେ ବୀର-ଅବସନ୍ନ ତନୁ-
ଦେଖି ମହା କ୍ଷୋଭ ଉପୁଜେ ମୋ ମନୁ ॥

ନାହାନ୍ତି ଉତ୍କଳେ ଜ୍ଞାନୀ-ବୁଧନର
କରିବାକୁ ତୁମ୍ଭ ଗୁଣକୁ ଆଦର ।
ନାହାଁନ୍ତି ରାଜେନ୍ଦ୍ର-ଗୁଣୀ ଗୁଣଗ୍ରାହୀ
ଦେବାକୁ ଉପାଧି ତୁମ୍ଭ ଗୁଣ ଗାଇ(୨) ॥

(୧) ଉତ୍କଳେ ସବୁଜ-ସାହିତ୍ୟର ଦୀପ୍ତିମାନ ପ୍ରତିଭାକବି ରାଧାମୋହନ ଗଡ଼ନାୟକଙ୍କ ବାର୍ଦ୍ଧକ୍ୟ ଅବସ୍ଥାକୁ ଲକ୍ଷ କରାଯାଇଛି ।
(୨) ବୃଦ୍ଧକବିଙ୍କୁ ଛାଇରୁ ଖରାକୁ, ଖରାରୁ ଛାଇକୁ ନେଉଛନ୍ତି । ତଥାପି ଉପାଧିଟିଏ ଦିଆଯାଇନାହିଁ ।

ସମାଜରେ ଆଜି ଏହି କୁସଂସ୍କାର
ଜୀବିତ ପିତାଙ୍କୁ ନକରି ସତ୍କାର ।
ମୃତ୍ୟୁ ପରେ ଦେଉଛନ୍ତି ପିଣ୍ଡଦାନ
ଗୁଣୀଜନେ ତଥା ନ ମିଳେ ସମ୍ମାନ ॥

ଉତ୍କଳ ପ୍ରକୃତି-ରମାଙ୍କ ନିବାସ
ହୋଇଅଛି ଆଜି ଅବହେଳେ ନାଶ ।
ଶ୍ୟାମ ବନଭୂମି ଶିଖରୀ-ଶିଖର
ହୋଇଅଛି ଶିଳା-ସେବିତ ଟାଙ୍ଗର ॥

ଯହିଁ ଥିଲା ଘନ ସହକାର ବନ
ହୋଇଛି ସେ ସ୍ଥାନ ତପ୍ତ-ମରୁସମ ।
ଯହିଁ ଥିଲା ସ୍ୱଚ୍ଛ-ଶୀତଳ ନିର୍ଝର
ହୋଇଛି ସେ ସ୍ଥାନ ନିର୍ଜୀବ-ନିର୍ଜଳ ॥

ବସ୍ତୁବାଦେ ଦେଇ ମାନବ ଗୁରୁତ୍ୱ
ପ୍ରକୃତି ଉପରେ ଦେଖାଏ ପ୍ରଭୁତ୍ୱ ।
କଟାଯାଇ ବହୁ ଅରଣ୍ୟାନି ମାନ
ଗଠନ ହୋଇଛି ଶିଳ୍ପ-ଅନୁଷ୍ଠାନ ॥

ଜଳବାୟୁ ହୋଇଅଛି ପ୍ରଦୂଷିତ
ନାନାରୋଗେ ତେଣୁ ଜୀବନ-ଯନ୍ତ୍ରିତ ।
ବାସ୍ତବ ପ୍ରକୃତି ହେବାରୁ ବିଷାକ୍ତ(୩)
ମାନବାତ୍ମା ତେଣୁ ହୋଇଛି ଅଶାନ୍ତ ॥

(୩) ମୂଳ ପ୍ରକୃତି ୮ ପ୍ରକାର ଯଥା-ପଞ୍ଚଭୂତ ଓ ମନ; ବୁଦ୍ଧି; ଅହଙ୍କାର । ମନ,ବୁଦ୍ଧି,ଅହଙ୍କାର ପ୍ରଦୂଷିତ ହେବାରୁ ସମାଜରେ ବିଶୃଙ୍ଖଳା ସୃଷ୍ଟି ହୋଇଛି ।

**ଜହ୍ନିତଇଳା, ଢେଙ୍କାନାଳ**

# ସ୍ୱପ୍ନ ନାୟିକା

ସୌମ୍ୟ ରଞ୍ଜନ ସ୍ୱାଇଁ

ସ୍ୱପ୍ନ ର ନାୟିକା ମୋର ଆଗୋ ଅନାମିକା
ସପନରେ ଆସି ପୁଣି ଯାଅ ତୁମେ ଫେରି,
ସ୍ୱପ୍ନ ଭାଙ୍ଗିଗଲେ ମୁଁ ହୋଇଯାଏ ଏକା
ସକାଳ ରୁ ସଞ୍ଜ ଯାଏଁ ହେଉଥାଏ ଝୁରି ||

ନୀରବ ରାତ୍ରିର ଅନ୍ଧକାର ଛାଡି ଚିରି
ପାଦ ଚିପି ଚିପି ଆସ ମୋରି ପାଖରେ ,
ଓଠ ଥାଏ ତୁନି କଥା କହେ ନୀରବତା
ମତୁଆଲା ରାତି ନିଶା ଚଢେ ଧୀରେ ଧୀରେ ||

ବାରି ହୋଇ ପଡୁଥାଏ ନିଶ୍ୱାସ ର ତାତି
ଶେଫାଳି ସୁଗନ୍ଧ ପବନରେ ଭାସି ଆସେ ,
ବଢୁଥାଏ ଧୀରେ ଧୀରେ ରାତିର ବୟସ
ବାଦଲ ଫାଙ୍କରୁ ଜହ୍ନ ମନ୍ଦ ମନ୍ଦ ହସେ ||

ତୁମରି ସ୍ପର୍ଶରେ ମୃଦୁ ଶିହରଣ ଖେଳିଯାଏ
ଦେହେ ମନେ ନିଆଁ ଖାଲି ନୀରବେ କୁହୁଳେ,
ମିଳନର ଫଗୁ ରଙ୍ଗ ଦେହେ ବୋଳିହୋଇ
ହଯାଏ ନିଜକୁ ତୁମ ଘନକେଶ ଆଢୁଆଳେ ||

ପ୍ରିୟା ତୁମେ ସାଜିଥାଅ ପ୍ରୀତିଭରା ନଈ
ମୁଁ ତୃଷାତୁର ପାଗଳ ପ୍ରେମିକ ଟିଏ ,
ପ୍ରୀତି ମଧୁସୁଧା ତୁମ ପାନ କରିବାକୁ
ସବୁ ସୀମାରେଖା ଭୁଲି କୂଳ ଲଂଘୁଥାଏ   ||

ପାହିବାକୁ ନିଶି ଆଉ ସମୟ ଅଳପ
ଲୁଚିଲାଣି ଜହ୍ନ ହସିଲାଣି କୁଆଁତାରା ,
ତୁମେ ଫେରି ଯିବାର ମୁହୂର୍ତ୍ତ ଆସନ୍ନ ପରାୟ
ନୟନ ଯୁଗଳ ମୋ ବିରହ ଅଶ୍ରୁରେ ଭରା   ||

ଶେଫାଳି ପରି ତୁମେ ତ ଆସି ଚାଲିଯାଅ
ତୁମ ପ୍ରେମର ମହକ କେବେ ମନୁ  ଲିଭେନାହିଁ ,
ଆଙ୍କିବସେ ପ୍ରତିଛବି କଳ୍ପନା ର ତୁଳୀ ଧରି
ହେଲେ ନିତି ଆସ ତୁମେ
ମୋ ସ୍ୱପ୍ନ ର ନାୟିକା ହୋଇ  ||

**ବରୀ,ଯାଜପୁର**

# ପରିବର୍ତ୍ତନର ସ୍ୱର ନାରୀ

କାଜଲ ସ୍ୱାଇଁ

ନାରୀ
କେବେ ତୁମେ ନୈବେଦ୍ୟ ର ଥାଳି
କେବେ ପ୍ରୀତିର ଆଞ୍ଜୁଳି
କେବେ ସକାଳ ଆଳତି
ପୁଣି ସଞ୍ଜର ସଳିତା,
କେବେ ତୁମେ ଜାୟା
କେବେ ଯେ ଜନନୀ
ଅନ୍ନଦାତ୍ରୀ ତୁମେ ପୁଣି
ଦଶଭୁଜା ମାତା ||

କେବେ ହରିନିଅ ସବୁ ଦୁଃଖ
କ୍ଲେଶ ଯନ୍ତ୍ରଣା କୁ
ଛାତି ତଳେ ଚାପିରଖି
ଯନ୍ତ୍ରଣା ର କୋହ ,
ବକ୍ଷରୁ ନିଗାଡ଼ି ତୁମ ଅମୃତ ର ଧାରା
ସନ୍ତାନ ର କ୍ଷୁଧା ତୁମେ
ଦୂର କରିନିଅ ||

ଆଦରରେ ଅନ୍ୟ ମୁଖେ
ଫୁଟାଇ ପାର ତୁମେ ହସ
ସେ ହସରେ କାଳେ ତୁମ
ପେଟ ଯାଏ ପୁରି ,
ଅନ୍ୟର ଖୁସିରେ ତୁମେ
ବିଭୋର ସଂଗୀତ ଗାଅ
ସବୁ ଦୁଃଖ ଯନ୍ତ୍ରଣା କୁ
ଯାଅ ତୁମେ ଭୁଲି ।।

ହେଲେ ...
ଆଜି ଏକି ପରିବର୍ତ୍ତନ ତୁମର
ସ୍ୱାର୍ଥ ର ମଦିରା ପିଇ
ଚିହ୍ନି ପାରୁନ ନିଜକୁ
ପହିଲି ସୂର୍ଯ୍ୟାଲୋକ ଦେଖିବା ଆଗରୁ
ହତ୍ୟା କର ନିଷ୍ପାପ କନ୍ୟା ଭୃଣଟିକୁ ,
ଯୌତୁକ ଲୋଭରେ ଜାଳ
ପୁତ୍ରବଧୂ କୁଇ
ନଗ୍ନତା ପଛରେ ତୁମେ କାହିଁକି ଧାଇଁଚ
ବୃଥା ଆଧୁନିକତା ର ମୋହେ ଛନ୍ଦି ହୋଇ ।।

ନାରୀ ତୁମେ ଜାଗ୍ରତ ହୁଅ
ମାତା ସୀତା ଦ୍ରୌପଦୀଙ୍କ
ଆଦର୍ଶ କୋଳେଇ ନେଇ
ସମାଜକୁ କରିଦିଅ ଶାନ୍ତ କମନୀୟ,
ତୁମେ କଣ ଦେଖି ପାରୁନାହଁ
ସମାଜର ଯେତେସବୁ ଅନୀତି ଦୁର୍ନୀତି
ଲାଞ୍ଛ ମିଛ ଅନ୍ୟାୟର
ଅଳନ୍ଧୁ ମହଲେ
ଶକୁନି ମେଲି ବସିଛି ମାୟା ପଶାକାଠି ।।

ସରଳ ନିରୀହ ମରେ ସବୁ ସମୟରେ
ଡରି ମରି କଟେ ତାର ପ୍ରତିଟି ମୁହୂର୍ତ୍ତ
ହେଇ ଦେଖ ଆସିଲାଣି ମୃତ୍ୟୁ
ପ୍ରତିରୋଧ କର ମା' ସବୁ ଅନ୍ୟାୟ କୁ
ପୁଣି ଉଡ଼ାଅ ମା'
ତୁମ ବିଜୟ ନେତ କୁ
ରହିଥାଉ କାଳେ କାଳେ ତୁମ ଯଶ ।।

ଡେଲାଙ୍ଗ,ପୁରୀ

# ବିଚିତ୍ର ଭଗବାନ

ହୃଦୟାନନ୍ଦ ପଧାନ

ଦେବତା ଖୋଜିଲି ଚାରି ଦିଗେ
ଦେଖିଲିଣି ଗୋଟିଏ ବି ମୂର୍ତ୍ତି
ମନ୍ଦିର ଅଛି ସତ, ନାହିଁ ତ ଦେବତା
ସେତ ଶୂନ୍ୟ ମନ୍ଦିର I

ଗଲେ କୁଆଡେ ଭଗବାନ
ଲୁଚିଗଲେ କିଏ କଳିଯୁଗେ
କେବଳ ଜଳୁଛି ଏ ଦୀପ
କେହିନାହିଁ ଭିତରେ I

ଇଏ କୋଉ ଧର୍ମ ସଥେ
ନାହିଁ ଯଦି ପ୍ରାଣକାର୍ତ୍ତା
ଗୈରିକ ବସନ ପିନ୍ଧି
କହୁଛନ୍ତି ହାତ ଛାଡି
"ଅଲେଖ ମହିମା"

କିଏ ସେହି ମହିମା
କୁଆଡେ ଗଲା ତାଙ୍କ ମୂର୍ତ୍ତି
ଲୁଚିଛନ୍ତି ସଥେ
ମନ୍ଦିରରେ ସମାଧି ହୋଇ I

ଫଳ ନାହିଁ, ପୁଷ୍ପ ନାହିଁ

ପ୍ରସାଦ ବି ନାହିଁ

ସନ୍ତୁଷ୍ଟ କେବଳ ଆଞ୍ଜୁଳାଏ ଘୃତରେ

ବିଚିତ୍ର ଏ ଭଗବାନ

ଦେଖିନି ମୁଁ କୋଉଠି ।

ଅମରପାଲି ,ସୁବର୍ଣ୍ଣପୁର

# ତୁମ ବିନା କେହି ନାହିଁ ସାହା

ସୁରେସ ଚନ୍ଦ୍ର ରାଉତ

ମୋତେ ରଖ ସଦାତୁମ ପଣତ ତଳେ
ତୁମ ବିନୁ କେହି ,ନାହିଁ ମୋର ସାହା
ଏତେବଡ ଜଗତରେ
ମା'ଲୋ ଏତେବଡ ଜଗତରେ !!!!!

ତୁମେ ମୋର ମାତା, ତୁମେ ମୋର ପିତା
ତୁମ ସେନେହଁରେ ସଦା ଥିବି ବନ୍ଧା
ବାଟ ଚାଲୁଥିବି ଧରିତୁମ ହାତ
ଲୁହ ପୋଛି ଦେବ ତୁମରି ପଣତ
ଆନନ୍ଦେ ଶୋଇଥିବି ମା' ତୁମ କୋଳରେ
ମା' ଲୋ ତୋ ବିନା କେ ସାହା ନାହିଁ
ଏ ଜଗତରେ !!!!!!!

ତୁମରି ପରଶେ ଫୁଟି ଗଲି ଫୁଲ
ତୁମ ସେନେହଁ ର କିଏ ଦେବ ମୁଲ
ତୁମ କୋଳେ ଥିଲେ ଲାଗେ ସବୁ ଭଲ
କୁନି ଚାନ୍ଦ ମୁହିଁ କରୁଥିବ ଗେଲ
ତୁମ ପଣତ ଅଞ୍ଚଳେ ଖେଳୁ ଥିବି ଲୁଚ କାଳି
ଗେଲ ପରସରେ !

ଅନନ୍ଦରେ ଯିବି ଶୋଇ ତୁମ ଗୀତ ରେ
ମା'ଲୋ ତୁମ ବିନା କେହି ସାହାନାହିଁ
ଏ ଜଗତରେ !!!!!!!!!!!!!

ତନୟ ମୁହିଁ ତୁମର ତୁମେ ତ ଜନନୀ ମୋର
ତୁମେ କରିଲ ସୁରୁଜ ଦୁର ହୋଇଲା ଅନ୍ଧାର
ମୁଁ ତୁମ ପୂର୍ଣ୍ଣମୀ ଜହ୍ନ ତୁମ କୋଳ ତାରା ଘର
ତୁମ ପ୍ରେମ ଅଗଣାରେ ଗଢୁ ଥିବି ବାଲି ଘର
କରିବନି କେବେ ପର , ତୁମ ବିନା ମୁଁ ଆତୁର
ତୁମ ବିନା ମୋ ନୟନ ଅଶ୍ରୁରେ ପୁରେ
ତୁମରି ହାତରେ ମୋର ଉଦର ପୁରେ
ମା'ଲୋ ତୁମ ବିନା କେହି ସାହା ନାହିଁ
ଏ ଜଗତରେ !!!!!!!!!!!!!

ଏସାରା ରାଇଜ ରାହା ନୋହିଲେ କେହିତ ସାହା
ଯାତନା ଦେଲେ ସଭିଏଁ ନ କହିଲେ କେହି ଆହା
ତୋ ବିନା ସସାଂର ମାୟା ନାହିଁ ତ କାହାର ଦୟା
ସମ୍ପଦର ପଚ୍ଛଦରେ ଏ ସାରା ଜଗତ ବାୟା
ସଭିଏଁ କରନ୍ତି ଘୃଣା ଦୀନ ଜନରେ
ମା'ଲୋ ତୁମ ବିନା କେହି ସାହା ନାହିଁ
ଏ ଜଗତରେ !!!!!"!""!

କଟକ

# କିଛି ଅଭୁଲା ସ୍ମୃତି

ବିଶ୍ୱଜିତ ବରାଳ

କିଛି ଅଭୂଲା ମିଠା ସ୍ମୃତି ନେଇ ମୁଁ ଫେରୁଛି କର୍ମ କ୍ଷେତ୍ରକୁ !
ସେଇ ଦୁଇ ଦିନର ଦେଖା ଆଉ ମିଳାମିଶା ବହୁତ ଆପଣାର ମନେହେଲା !
ସେହି ଦୁଇପଦ କଥା ଆଉ ସୁନ୍ଦର ଅନୁଭୂତି !
ହୃଦୟର ଛୋଟ କୁଡିଆରେ ବସାବାନ୍ଧି ନେଲା !

ତୁମ ଆଖିକୁ ଦେଖିବା ଓଠକୁ ଛୁଇଁବା ଏବେ ବି ସ୍ୱପ୍ନଭଳି ଲାଗୁଛି !
କେବେ ଭାବିନଥିଲି ହେବବୋଲି ଏସବୁ କିନ୍ତୁ ହୋଇଗଲା ଜଣାପଡିଲାନି !
ସ୍ୱଳ୍ପ ସମୟର ଏ ଅନୁଭୂତି ନିଜରଠୁ ବି ନିଜର କରିଦେଲା !
ସତେ କି ଏ ଜନ୍ମଜନ୍ମାନ୍ତର ସମ୍ପର୍କ ଆଉ ମିଳନ !
ତୁମକୁ ପାଖରୁ ଦେଖିବା, ପାଖରୁ ଛୁଇଁବା ଆଉ ଆଲିଙ୍ଗନ କରିବା !
ଏବେ ବି ରହସ୍ୟ ଭଳି ଲାଗେ ପ୍ରିୟା !

କିନ୍ତୁ ସବୁ ସତ୍ୟ ଥିଲା, ଏତେ ଭଲପାଇବା ସ୍ନେହ ଏବଂ ଶ୍ରଦ୍ଧା !
ତୁମକୁ ମୋତେ ଅପଣାର ଠୁ ନିଜର କରିଦେଲା !
ଫଗୁଣ ମାସର ସେ ସମୟ ଜୀବନର ଗୋଟେ
ଅଭୂଲା ସୁନ୍ଦର ସ୍ମୃତି ହୋଇ ରହିଗଲା !
ଯାହାକୁ ପୁଣି ଦୋହରାଇବାକୁ ଇଛା ହଉଛି ପ୍ରିୟା !
କିନ୍ତୁ ଭାଗ୍ୟର ଏ ବିଡମ୍ବନା ଫେରିବାକୁ ହେବ କାର୍ଯ୍ୟକ୍ଷେତ୍ରକୁ !

ଆଶା ଆଉ ବିଶ୍ୱାସକୁ ନେଇ ପୁଣି ଯିବାକୁ ପଡିବ !
ସେଇ ସ୍ମୃତି ଆଉ ଅନୁଭୂତି ନେଇ ଫେରିଯାଉଛି ପ୍ରିୟା !
ତୁମର ସେଇ ଆଖି ଆଉ ଅମାନିଆ ଓଠକୁ ଭୁଲିପାରୁନି ଜମା !
ପୁଣିଥରେ ମିଳନର ପ୍ରତିଶ୍ରୁତି ଦେଇ ଚାଲି ଯାଉଛି ପ୍ରିଏ !

ଢେଙ୍କାନାଳ

# ଓଁ॥ପ୍ରଭୁ ଆର୍ତ୍ତତ୍ରାଣ॥ଓଁ

ଶ୍ରୀମାନ୍ ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ

ପ୍ରଭୁ ଆର୍ତ୍ତତ୍ରାଣ  କର ପରିତ୍ରାଣ
ମିନତି ମୋହର ଘେନ,
ହତାଦର କେବେ  କରିବନି ମତେ
ମୁଁହି ଅଟେ  ଅକିଞ୍ଚନ.
କରିଥିଲି ପାପ  କରୁଅଛି ଶୋକ
ଦିଅ ସତ ବୁଦ୍ଧି ଚିନ୍ତନ,
ମିଛ ମାୟା ପରା ଅଟଇ ସଂସାର
କ୍ଷଣ ଭଙ୍ଗୁର ଏ ଜୀବନ.
କୃପାର ସାଗର  ତୁମେ ଲମ୍ବୋଦର
ଅଟ ତୁମେ ଜନାର୍ଦ୍ଦନ,
ତୁମ ଛବି ଦେଖି  ବୁଜି ଦେବି ଆଖି
ଭଜି ନାମ  ପ୍ରତିକ୍ଷଣ.
ସରି ଆସେ କାଳ  ବୁଡି ଆସେ ବେଳ
ଫିଟାଅ ସବୁ ବନ୍ଧନ,
କ୍ଷଣ  ଅନୁକ୍ଷଣ  ଦିନ  ପ୍ରତିଦିନ,
ଦେଖୁଛି ତବ ସପନ.

ବୀରମହାରାଜପୁର,ସୋନପୁର

# ଶ୍ମଶାନ

(ଅମ୍ରିତାକ୍ଷର)

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ଭୈରବ ରହସ୍ୟମୟୀ କାଳ-ରଙ୍ଗସ୍ଥଳୀ
ମାନବର ସ୍ୱର୍ଗଦ୍ୱାର ଏ ମଶାଣ ଭୂଇଁ ।
ଗର୍ଜଇ ନିଶିଥେ ଆହା କି ବିକଟ ସ୍ୱରେ
ଅବା ସେ ଗର୍ଜନ ତା'ର ନୀରବ ଆହ୍ୱାନ ।।

ଭଗ୍ନଖଟ ଭଗ୍ନକୁମ୍ଭ ଛିନ୍ନ କନ୍ଥାମାନ
କାଳର କବଳେ ଯାହା ଧ୍ୱଂସ ଅବଶେଷ ।
ଇତସ୍ତତ ପଡି ତାହା ଦିଶନ୍ତି ବିଭଙ୍ଗ
ଚମତ୍କାର ଉପୁଜାଇ ପାର୍ଥିବ ହୃଦୟେ ।।

ଡାଳୁଡାଳେ ପଡି ଗୃଧେ ଦେଉଛନ୍ତି ତାଳ
ଭୈରବ ଅଶୁଭ ଦ୍ରଷ୍ଟା ଉଲୁକଙ୍କ ରବେ ।
କାଳ-ଶଙ୍ଖ ପ୍ରାୟେ ଯହିଁ ଗର୍ଜନ୍ତି ଶୃଗାଳ
ହୃତ୍‌କମ୍ପ ଉପୁଜେ ଦେଖି ଦୀପ୍ତ ବହ୍ନି ମୁଖେ ।।

ମାନବର ଯେତେ ଦମ୍ଭ ଯେତେ ଅଭିମାନ
ଯେତେ ଅନୁରାଗ ଯେତେ ମୋହ-ପ୍ରବଞ୍ଚନା ।
ଏ ନିର୍ଜନ ଭୁଇଁ ଏଇ ପାଂଶୁଳ ରେଣୁରେ
ଅବଶ୍ୟ ସମୟେ ହୁଏ ଚିର ପରିଣତି ।।

ଦୁନିଆଁଟା ସାରା ସିନା ଏ ମଶାଣ ଭୁଇଁ
କାହିଁବା ଉତ୍ତରେ କାହିଁ ଦକ୍ଷିଣ ପାରୁଶେ
ପ୍ରାନ୍ତର କାନନ ଅବା ନଦୀ-ବାଲିଶେଯେ
ପୁଞ୍ଜିଭୂତ ସଦା ଜହ୍ନି କାଳର ପ୍ରଭୁତ୍ୱ ॥

ପ୍ରବଳ ମରୁତ ଯଥା ଶୁଷ୍କପତ୍ର ରାଶି
ଗୋଷ୍ଠମୁଖେ ଧେନୁରକ୍ଷୀ ଯଥା ଧେନୁପଲ ।
କାଳର ନିର୍ଦ୍ଦେଶେ ତଥା ଏ ସଂସାରୁ ଜୀବେ
ଘଉଡାଇ ଆଣେ ଏଥି ନିର୍ମମ-ନିୟତି ॥

କି ରାଜା କି ପ୍ରଜା କିବା ଧନିକ ଦରିଦ୍ର
କି ମୂର୍ଖ-ପଣ୍ଡିତ କିବା ସୁନ୍ଦର କୁତ୍ସିତ ।
କୁଟୀର ନିବାସୀ ଅବା ଅଟ୍ଟାଳିକା ବାସୀ
ସମସ୍ତେ ବସନ୍ତି ଏଥି ସମାନେ ଆସନେ ॥

ସାମ୍ୟବାଦ ଗୀତ ସଦା ଗାଉଛି ଏ ମାଟି
ତ୍ୟାଗର ମହିମା ଯା'ର ବାତେ ଉଦ୍‌ଘୋଷିତ ।
ବିଭୂତି ନରାସ୍ଥି ଗାଏ ସତ୍ୟର ମହିମା
ଅଦ୍‌ଭୁତ ନିଷ୍କତି ଯା'ର ନୀତି ସନାତନୀ ॥

ଏଇ ତ ସମ୍ମୁଖେ ବଂଧୁ ଚିତା-ଭସ୍ମ-ବେଦି
ହୁଏ ଯହିଁ ମାନବର ସ୍ୱର୍ଗ-ଅଭିଷେକ ।
ଭୈରବୀ ମଶାଣ ଚଣ୍ଡୀ ନୃମୁଣ୍ଡ ମାଳିନୀ
ବସନ୍ତି ନିଶିଥେ ଏଥି ମୃତ୍ୟୁ-ମନ୍ତ୍ର ଗାଇ ॥

ଜୀବର ଯାବତ ଗୁପ୍ତ ଭଲ ମନ୍ଦଜାଣି
ଅଦ୍‌ଭୁତ ଅବାର୍ଯ୍ୟ ମୃତ୍ୟୁ ମାନବ ଅଜ୍ଞାତ ।
ଯୋଗାସନେ ବସି ଦେବୀ କରନ୍ତି ଆହ୍ୱାନ
ଅଙ୍ଗୁଳ ନିର୍ଦ୍ଦେଶି ସେହି କ୍ଲିଷ୍ଟ ଜୀବ ପ୍ରତି ॥

କି ଦେଖୁଛ ବନ୍ଧୁବର ଏ ନିର୍ଜନ ହାତେ
ଏହି ଯେ ତୁମ୍ଭର ସେହି ପରାଣ ପ୍ରେୟସୀ ।
ସ୍ୱର୍ଶେ ଯା'ର ମଣୁଥିଲ ବୈଦ୍ୟୁତ-ପ୍ରବାହ
ପିଉଥିଲ ଓଷ୍ଠୁଁ ଯା'ର ଅବାରିତ ମଧୁ ॥

ନାହିଁ ଆଉ ମଧୁସ୍ମିତ ମଧୁମୟୀ ଛଟା-
ନାହିଁ ପୀନ-ସ୍ତନ ଚାରୁଭୁରୁ ବିମ୍ବାଧର ।
କାଳର କରାଳ ମୁଖେ ହୋଇ ସବୁ ଜୀର୍ଣ୍ଣ
ପଡିଛିଏ ଚିତା-ଭସ୍ମ ଧ୍ୱଂସ-ଅବଶେଷ ॥

କାହିଁକି କାନ୍ଦୁଛ ବଂଧୁ ଜାଣୁ ଜାଣୁ ଏହା
ଏ ସଂସାର-ରଙ୍ଗମଞ୍ଚେ ନୁହଁନ୍ତି କେ କା'ର ।
ଫେରିଯିବେ ସର୍ବେ ନିଜ ଅଭିନୟ ଶେଷେ
ବୃଥା-ପ୍ରେମ-ଅନୁରାଗ ମମତା-ବନ୍ଧନ ॥

କାନ୍ଦିବାର ନୁହେଁ ଏତ ପୁଣ୍ୟ ପୀଠସ୍ଥଳୀ
ହୁଏ ଯହିଁ ଭବପୁର-ବ୍ରତ ଉଦ୍‌ଯାପନ ।
ତ୍ରିଦିବ-ଭୂଲୋକ ମଧ୍ୟେ ଅମୃତ-ସୋପାନ
ଭିଆଇଛି ଏ ଶ୍ମଶାନ କେନ୍ଦ୍ରବିନ୍ଦୁ ରୂପେ ॥

ସ୍ୱର୍ଗୀୟତା ପାର୍ଥିବତା ଏଥି ସମନ୍ୱୟ
ହୁଏ ଯହିଁ ସୁର ନରେ ନିସ୍ୱାର୍ଥ ବିଚାର ।
ଆସହେ ଅମର ଯାତ୍ରୀ ନିର୍ଭୟ ନିସ୍ୱନ୍ଦେ
ଏହି ଯାତ୍ରାସ୍ଥଳୁ ଯିବ ତ୍ରିଦିବ ଭ୍ରମଣେ ॥

ସବୁ ମିଥ୍ୟା ଧନ-ଜନ-ଜୀବନ-ଯୌବନ
ମିଥ୍ୟା ଭବସୁଖ କ୍ଷଣ-ଭଙ୍ଗୁର ଅଳିକ ।
ସତ୍ୟପୀଠ ଏ ଶ୍ମଶାନେ କର ନମସ୍କାର
ଦେଉଅଛି ସର୍ବଜନେ ସନାତନ-ଶିକ୍ଷା ॥

ଜହ୍ନିତଇଳା, ଢେଙ୍କାନାଳ

# ଗଦ୍ୟ ବିଭାଗ

# ବ୍ରହ୍ମଚର୍ଯ୍ୟ ତପୋତ୍ତମମ୍

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ଜୀବନକୁ ଆଧ୍ୟାତ୍ମ-ମାର୍ଗରେ ପରିଚାଳିତ କରିବା ପାଇଁ ବ୍ରହ୍ମଚର୍ଯ୍ୟ ଏକ ଅପରିହାର୍ଯ୍ୟ ବ୍ରତ ଅଟେ । ବ୍ରହ୍ମଚର୍ଯ୍ୟ ବିନା ମନର ଚପଳତା ହ୍ରାସ ପାଏ ନାହିଁ । ସୁତରାଂ ମନୁଷ୍ୟ ଜଣେ ସ୍ଥିତପ୍ରଜ୍ଞ ହୋଇ ଆତ୍ମତତ୍ତ୍ୱ ଉପଲବ୍ଧି କରିବା ସମ୍ଭବପର ନୁହେଁ । ତେଣୁ ବ୍ରହ୍ମ-ଚର୍ଯ୍ୟାଶ୍ରମକୁ ଆଶ୍ରମିକ ଧର୍ମ ମଧ୍ୟରେ ପ୍ରଥମ ସ୍ଥାନ ଦିଆ ଯାଇଅଛି ।

"ବ୍ରହ୍ମଚାରୀ ମିତାହାରୀ ତ୍ୟାଗୀ ଯୋଗ ପରାୟଣ
ଅବ୍ଦାଦୁର୍ଦ୍ଧ ଭବେତ୍ ସିଦ୍ଧୋ ନାତ୍ରକାର୍ଯ୍ୟ ବିଚାରଣ"

(ଗୋରକ୍ଷ ସଂହିତା)

ଅର୍ଥାତ – ବ୍ରହ୍ମଚାରୀ,ପରିମିତ ସାତ୍ତ୍ୱିକାହାରୀ, ସମସ୍ତ ପ୍ରକାର ତ୍ୟାଗୀ ଏବଂ ଯୋଗୀ ଏଭଳି ବ୍ୟକ୍ତି ଗୋଟିଏ ବର୍ଷରେ ସିଦ୍ଧି ଲାଭକରେ ।

ବିନ୍ଦୁପାତ ଦ୍ୱାରା ଶାରୀରିକ ଓ ମାନସିକ ଶକ୍ତିର ଅବକ୍ଷୟ ଘଟେ । ତେଣୁ ମୋକ୍ଷାଭିଳାଷୀ ଧର୍ମାତ୍ମାମାନେ ବିନ୍ଦୁ-ବ୍ରହ୍ମକୁ ଯେତିକି ସଂଯତ ରଖିବେ ଶରୀର ସେତିକି ତେଜୋଦୀପ୍ତ ହୋଇ ବୌଦ୍ଧିକ ଶକ୍ତିର ବିକାଶ ଘଟିବ । ଯଥାର୍ଥରେ କୁହାଯାଇଛି-

"ମରଣଂ ବିନ୍ଦୁପାତେନଃ ଜୀବନଂ ବିନ୍ଦୁଧାରୟେତ୍"

ବିନ୍ଦୁକ୍ଷୟ କାର୍ଯ୍ୟ ଏକ ମାନସିକ ବିକାର । ମନରୁ ମନସିଜ, କନ୍ଦର୍ପ ବିକାର ଉଦ୍‌ଭବ ହୁଏ । ତେଣୁ ମନକୁ ଯେତିକି ସଂଯମ କରାଯିବ ଧୀରେ ଧୀରେ ଇନ୍ଦ୍ରିୟ ନିବୃତ୍ତି ସେତିକି ହୋଇଯିବ । ଇନ୍ଦ୍ରିୟମାନେ ସମସ୍ତ ହାନି ଲାଭର  ମୂଳ କାରଣ ହୋଇ ଆତ୍ମାର ପରମ ଶତ୍ରୁ ଓ ପରମ ମିତ୍ର ହୋଇଥାନ୍ତି ।

"କେଶତ୍ରବ ସନ୍ତିଃ ନିଜେନ୍ଦ୍ରିୟାଣି ତାନେବ ମିତାନି ଜିତାନିଜାନି"

(ଶଙ୍କରାଚାର୍ଯ୍ୟ)

ଇନ୍ଦ୍ରିୟମାନେ ବଡଶତ୍ରୁ ମାତ୍ର ମନଦ୍ଵାରା ସେମାନଙ୍କୁ ଜିଣିଲେ କିମ୍ବା ବଶୀଭୂତ କଲେ ସେମାନେ ପରମମିତ୍ର ହୋଇଥାନ୍ତି l ତେବେ ମନ ସିନା ପ୍ରସନ୍ନ ହେଲେ ଇନ୍ଦ୍ରିୟ ଦମନ କରାଯିବ l

ସୁସାରଥୀରଶ୍ଵାନ୍ନିବ ଯନ୍ମନୁଷ୍ୟା –
ନେ ନିୟତେଽଭି ଶୁଭିର୍ବା ଜିନଃଇବ l
ହୃତ୍ ପ୍ରତିଷ୍ଠଂ ଯଦଜିରଂ ଯବିଷ୍ଠଂ
ତନ୍ମେ ମନଃ ଶିବ ସଂକଳ୍ପମସ୍ତୁ ll

(ଯଜୁଃବେଦ)

ଉତ୍ତମ ସାରଥି ଭାବେ ଲଗାମଧରି ଯେଉଁ ମନ, ଇନ୍ଦ୍ରିୟ ରୂପୀ ଅଶ୍ୱମାନଙ୍କୁ ସୁମାର୍ଗରେ ପରିଚାଳନା କରିପାରେ l ହୃଦୟରେ ଯେଉଁ ମନ ପ୍ରତିଷ୍ଠାବାନ ଅଜର ଓ ଦ୍ରୁତ ଗତିଶୀଳ, ସେହି ମନ ମୋର (ଆମ୍ଭର) ଶୁଭାନୁକୂଳ ତଥା ଶୁଭାକାଂକ୍ଷୀ ହେଉ l

ଏହି ଶରୀର ମଧ୍ୟରେ ମନର ପ୍ରାଧାନ୍ୟ କିପରି ଅଛି ପୁନଶ୍ଚ ବେଦ କହେ-

"ଯତ୍ ପ୍ରଜ୍ଞାନମୁତ ଚେତୋ ଧୃତିଶ୍ଚ-
ଯଜ୍ୟୋତିରନ୍ତରଽମୃତଂ ପ୍ରଜାସ୍ତୁ l
ଯସ୍ମିନ୍ ଋତେ କିଞ୍ଚନ୍ କର୍ମ କ୍ରିୟତେ
ତନ୍ମେ ମନଃ ଶିବ ସଂକଳ୍ପମସ୍ତୁ ।।"(ଯଜୁଃବେଦ)

ଯେଉଁ ମନକୁ ପ୍ରଜ୍ଞା,ଚେତା ଓ ଧୃତି ଆଖ୍ୟା ଦିଆଯାଇ ପାରେ ପ୍ରଜାସ୍ତୁ ଅର୍ଥାତ୍ ଇନ୍ଦ୍ରିୟମାନଙ୍କ ମଧ୍ୟରେ ଯେ ଜ୍ୟୋତିଃ ସ୍ୱରୂପ ଅମର ଅଟେ । ଯାହା ବିନା କୌଣସି କର୍ମ କରିହୁଏ ନାହିଁ । ସେହି ମନ ମୋର (ଆମ୍ଭର) ଶୁଭାକାଂକ୍ଷୀ ହେଉ ।

କାୟିକ,ବାଚିକ ଓ ମାନସିକ ଏହି ତିନି ପ୍ରକାର ଭେଦରେ କର୍ମ କରାଯାଇଥାଏ । କେବଳ କାୟା ଦ୍ୱାରା କର୍ମ ସମ୍ପାଦନ ହୋଇ ନଥାଏ ।ତେଣୁ ମହାମନିଷୀ ମାନେ ଆଠ ପ୍ରକାର ମୈଥୁନ ବୋଲି ପ୍ରମାଣ ଦେଇଛନ୍ତି l ତାହା ବ୍ରହ୍ମଚର୍ଯ୍ୟର ସଂପୂର୍ଣ୍ଣ ବିପରୀତ ତଥା ବିରୋଧି ଅଟେ ।

ଶ୍ରବଣଂ କୀର୍ତ୍ତନଂ କେଳିଃ ପ୍ରେକ୍ଷଣଂ ଗୃହ୍ୟଭାଷଣମ୍
ସଂକଳ୍ପୋଽଧ ବସାୟଚ କ୍ରିୟା ନିଷ୍ପତ୍ତି ରେବଚ ।
ଏତତ୍ ମୈଥୁନ ମଷ୍ଟାଙ୍ଗ ପ୍ରବଦନ୍ତି ମନନିଷୀଣଃ
ବିପରୀତଂ ବ୍ରହ୍ମଚର୍ଯ୍ୟ ମନୁଷ୍ଟେୟଂ ମମୁକ୍ଷୁଭିଃ ॥

୧- ପ୍ରେମକଥା ଶୁଣିବା,୨- ପ୍ରେମ ପ୍ରସଙ୍ଗରେ କହିବା,୩- ରହସ୍ୟ-ପରିହାସ କରିବା I

୪- ସ୍ତ୍ରୀ କୁ ବାରମ୍ବାର ଦେଖିବା,୫-ଗୁପ୍ତ କଥାବାର୍ତ୍ତା ହେବା,୬-ଅଭିଳାଷ କରିବା, ୭- ସେହି କାମ ନିଶ୍ଚିତ ଭାବେ କରିବାକୁ ଯତ୍ନଶୀଳ ହେବା,୮-ଦୈହିକ- ମୈଥୁନ କର୍ମ କରିବା ଏହି ଆଠ ପ୍ରକାର ମୈଥୁନ, ମୁକ୍ତିକାମୀ ମାନଙ୍କ ପକ୍ଷେ ବ୍ରହ୍ମଚର୍ଯ୍ୟର ବିପରୀତ ଅଟେ I

ଯତତୋହ୍ଯପି କେନ୍ତେୟ ପୁରୁଷସ୍ୟ ବିପଶ୍ଚିତଃ
ଇନ୍ଦ୍ରିୟାଣୀ ପ୍ରମାର୍ଥିନୀ ହରନ୍ତି ପ୍ରସଭଂ ମନଃ ॥ (ଗୀତା)

ଅର୍ଥ- ହେ ପାର୍ଥ I ଜ୍ଞାନୀ ବା ବୁଦ୍ଧିମାନ ବ୍ୟକ୍ତି ଯେତେ ଯତ୍ନ କଲେ ସୁଧା,ଦୁରନ୍ତ ଇନ୍ଦ୍ରିୟମାନେ ତା'ର ମନକୁ ବଳେ ବଳେ ହରଣ କରି ନିଅନ୍ତି I

ବିଶ୍ଵମିତ୍ର ପରାଶର ପ୍ରଭୃତୟୋ ଯେଚାମ୍ବୁ ପର୍ଣ୍ଣାଶନା
ସ୍ତେଽପି ସ୍ତ୍ରୀମୁଖ ପଙ୍କଜ ସୁଲଳିତ ଦୃଷ୍ଟେ୍ଵବ ମୋହ ଗତା ।
ଶାଲ୍ୟନ୍ନ ସଘୃତଂ ପୟଃ ଦଧିଯୁତଂ ଯେ ଭୁଞ୍ଜତେ ମାନବାଃ
ସ୍ତେଷାମିନ୍ଦ୍ରିୟ ନିଗ୍ରହ ଯଦିଭବେତ୍ ପଙ୍ଗୁ ସ୍ତରେତ୍ ସାଗର ॥

ବିଶ୍ଵାମିତ୍ର, ପରାଶର ପ୍ରଭୃତି ମୁନିମାନେ ଯେ କି ବନର ଜଳ ଏବଂ ପତ୍ର ଖାଇ କାଳାତିପାତ କରୁଥିଲେ,ସେମାନେ ମଧ ସ୍ତ୍ରୀର ପଦ୍ମମୁଖ ଦର୍ଶନ ମାତ୍ରେ ମୋହପ୍ରାପ୍ତ ହୋଇଥିଲେ Iଏପରି ସ୍ଥଳେ ଘୃତ,ଦଧି,ଦୁଗ୍ଧ ମିଶ୍ରିତ ସରୁ ଅନ୍ନ ଖାଉଥିବା ସଂସାରୀ ବ୍ୟକ୍ତିମାନେ ଯେବେ ଇନ୍ଦ୍ରିୟ ସଂଯମ କରିପାରନ୍ତି ତେବେ ପଙ୍ଗୁ ସମୁଦ୍ର ତରିବା ନ୍ୟାୟ ହେବ I

ଦଧି ଦୁଗ୍ଧ ପ୍ରଭୃତି ସାତ୍ତ୍ଵିକ ଖାଦ୍ୟ ଖାଉଥିବା ବ୍ୟକ୍ତି ଇନ୍ଦ୍ରିୟ ସଂଯମ କରିପାରିଲେ ଯେବେ ପଙ୍ଗୁ ସାଗର ତରିବା ଆଖ୍ୟା ଦିଆଯାଏ ସମ୍ପ୍ରତି କୁକୁଟ ମାଂସ ସହିତ ମଦ୍ୟ ପାନ କରୁଥିବା ବ୍ୟକ୍ତିକୁ କି ଆଖ୍ୟା ଦିଆଯାଇ ପାରେ ?

କୁକୁଟ ସ୍ୱଭାବିକ ବହୁ ଶୃଙ୍ଗାରୀ ପ୍ରାଣୀ ଅଟେ । ଏହି କାରଣରୁ କୁକୁଟ ମାଂସ ଭକ୍ଷଣ ଆୟୁର୍ବେଦରେ ନିଷେଧ ଅଛି । କୁକୁଟ ମଳ ମାଡିଲେ ମନୁଷ୍ୟ ଅପବିତ୍ର ହୁଏ I ସ୍ନାନ ଶୌଚ ପୂର୍ବକ ଶିବ ଦର୍ଶନ କରିବା ବିଧି ଶିବ ପୁରାଣରେ ଉଲ୍ଲେଖ ଅଛି । ଏପରି ସ୍ଥଳେ ବ୍ରହ୍ମଚର୍ଯ୍ୟ ସାଧନ ସଂପ୍ରତି କି ପ୍ରକାର ସମ୍ଭବପର ହୋଇପାରିବ !

ମତ୍ସ୍ୟ ,ମାଂସ ,ମଦ୍ୟ ,ମୁଦ୍ରା ,ମୈଥୁନ ଏହି ପଞ୍ଚମକାର ବ୍ରହ୍ମଚର୍ଯ୍ୟର ସଂପୂର୍ଣ୍ଣ ବିରୋଧି ଅଟେ I ବର୍ତ୍ତମାନ ମାନବ-ସମାଜର ଏହା ପ୍ରଧାନ ଭୋଗ୍ୟବସ୍ତୁ ହୋଇପାରିଛି I ମତ୍ସ୍ୟ କନ୍ଦର୍ପ ଦେବତାର ବାହନ ରୂପେ ବର୍ଣ୍ଣିତ ହୋଇଛି I ଯେହେତୁ ମତ୍ସ୍ୟାହାର କଲେ ଶରୀରରେ ଅଧିକ କାମୋଦ୍ଦୀପନା ଜାତ ହୁଏ I ମଦ୍ୟ ପଞ୍ଚ ମହାପାତକ ମଧ୍ୟରେ ଅନ୍ୟତମ । ସମାଜ କଣ ଏହା ଜାଣେ ନାହିଁ ।

ପଞ୍ଚ ମହାପାତକ ମଧ୍ୟରେ ମଦ୍ୟ ହୋଇଛି ଗଣା
ସମାଜକୁ ଏକଥା ଆଜି ଅଛି କି ନାହିଁ ଜଣା ।
ମନୁଷ୍ୟତାହୀନ ହୁଅଇ ମଦ ପିଇଲେ ନର
ମାଆ ଭଉଣୀର ବିଚାର ତିଳେ ନ ରହେ ତା'ର ॥ (ସ୍ୱକୃତ)

ବହୁ କବି ,ବହୁ ମୁନିଋଷି ଏହି ବ୍ରହ୍ମଚର୍ଯ୍ୟକୁ ଉପଲକ୍ଷ ଦେଇ ରଚନାମାନ ଲେଖି ଯାଇଛନ୍ତି I ଆଧାତ୍ମ ତତ୍ତ୍ୱ ଲାଭ ପାଇଁ ବ୍ରହ୍ମଚର୍ଯ୍ୟର ଭୂମିକା ଯେପରି ମହାନ ଜୀବନକୁ ସରସ ସୁନ୍ଦର କରିବା ପାଇଁ ବ୍ରହ୍ମଚର୍ଯ୍ୟ ସେପରି ଅପରିହାର୍ଯ୍ୟ ବ୍ରତ ଅଟେ I ମୋଟା ମୋଟି ଭାବରେ ଜୀବନର ସ୍ଥିତି ଏହି ମହାନ୍ ଆଚରଣ ଉପରେ ପ୍ରତିଷ୍ଠିତ ହୋଇଅଛି I ଶାସ୍ତ୍ରରେ କୁହା ଯାଇଛି-

"ଶରୀର ମାଦ୍ୟ ଖଳୁ ଧର୍ମ ସାଧନମ୍"

ବ୍ରହ୍ମକ୍ଷୟ ଦ୍ୱାରା ଶରୀର ଦୁର୍ବଳ ହୋଇ ବହୁ ରୋଗରେ ଶିକାର ହୋଇଥାଏ । ତେଣୁ ବିନ୍ଦୁବ୍ରହ୍ମ ଉପରେ ଶରୀରର ସ୍ଥିତି ନିଶ୍ଚିନ୍ତ ହୋଇଛି ବୋଲି କୁହାଯାଇଛି I ବ୍ରହ୍ମ ସଂଯମ ହିଁ ମାନବ-ସ୍ୱଧର୍ମର ଭିତ୍ତିପ୍ରସ୍ତର ।

ଅବନ୍ଧା ବନ୍ଧରେ ପାଣି          ବଳାଅ ଲହଦା ଟାଣି
ଅରୂପାନନ୍ଦଙ୍କ ପଦ୍ମ-ଚରଣ ତଳେ I
ଚିରକାଳ ଥିବ ରହି          ବ୍ରହ୍ମଅଙ୍ଗ ତେଜବହି
ଓଲଟ ଉଜାଣି ନଦୀ ସଂପୂର୍ଣ୍ଣ ଭରେ ॥

(ସନ୍ଥକବି ଭୀମଭୋଇ)

ବେଳ ଥାଉଁ ବନ୍ଧ ବାନ୍ଧରେ କୁମର-
ପୁରି ରହୁ ସରୋବର ।
ଜଳ ଶୁଖି ଗଲେ ତୋ ହଂସ ଉଡିବ
ପିଣ୍ଡ ହେବ ନାରଖାର ॥
(ଗୋସ୍ୱାମୀ ଯଶୋବନ୍ତ ଦାସ)

ବାସ୍ତବରେ ବେଳଥାଉଁ ବନ୍ଧ ବାନ୍ଧିବା ଠିକ ଅଟେ, ମାତ୍ର ଅଜ୍ଞାନ ବଶତଃ ବାନ୍ଧି ହୁଏ ନାହିଁ । ପଛରେ ଯେତେ ବାନ୍ଧିଲେ ଭୁସୁଡି ଯାଏ । ଏହା ପ୍ରତ୍ୟେକେ ଅନୁଭବ କରି ପାରୁଥିବେ । ଆଉ ଯେଉଁଠାରୁ ଜଳ ପ୍ରାୟ ଶେଷ ହୋଇ ଗଲାଣି ସେଠାରେ

"ପୟଃ ଗତେକିଂ ଖଳୁ ସେତୁବନ୍ଧମ୍"

ବିଶ୍ୱ ବିମୋହିନୀ ସୌନ୍ଦର୍ଯ୍ୟମୟୀ ନାରୀର ମୃଦୁ ଆକର୍ଷଣରେ ଦେବତା,ଗନ୍ଧର୍ବ,ଯକ୍ଷ ରକ୍ଷ,ନର,ପଶୁ,ପକ୍ଷୀ,ସମଗ୍ର ପ୍ରାଣୀଜଗତ ଆକର୍ଷିତ ହେଉଅଛନ୍ତି । ମାତ୍ର ବିଭୂକୃପା ବଳରେ ଯେଉଁ ମାନେ ଏ ପ୍ରଳୟଙ୍କରୀ ଭାବକୁ କାୟ ମନ ବାକ୍ୟରୁ ପରିହାର କରିଅଛନ୍ତି ସେହି ବ୍ରହ୍ମବିଦ୍ ବ୍ରହ୍ମଚାରୀମାନେ କେବଳ ଏ ମାୟା ସଂସାରେ ଧନ୍ୟବାଦାର୍ହ ।

"ପ୍ରାଜ୍ଞୋହି ଧୀରଶ୍ଚ ସମୋଶ୍ଚ କୋ ବା –
ପ୍ରାପ୍ତୋ ନ ମୋହଂ ଲଳନା କଟାକ୍ଷୈଃ"
(ଶଙ୍କରାଚାର୍ଯ୍ୟ)

ଧନ୍ୟ ଧନ୍ୟ ତୁମ୍ଭେ ତାପସ ସତ୍ତମ
ମାନବ ମଧ୍ୟରେ ମାନବ ଉତ୍ତମ ।
ବୈରାଗ୍ୟ-ବିବେକ-ଯଜ୍ଞେ-ତନୁଝାସି
କାଟିଛ ଦୁର୍ବାର ମୋହମାୟା-ଫାଶି ॥
ଜାଣି ଅନିବାର୍ଯ୍ୟ ତ୍ରିବିଧ କଷଣ
କରିଛ ବିଷୟା-ଭୋଗେ-ଅନଶନ ।
(ସ୍ୱରଚିତ ସପ୍ତଶଯ୍ୟା କାବ୍ୟରୁ...)

**ଜହ୍ନିତଇଳା, ଢେଙ୍କାନାଳ**

# କନ୍ୟା ରତ୍ନ

ରାଧାମୋହନ ମିଶ୍ର

ମନରେ ତାର ଅସରନ୍ତି ଭାବନା, ବେଳେ ବେଳେ କାହିଁକି କେଜାଣି ଭାରି ଅନ୍ୟ ମନସ୍କ ହୋଇ ପଡେ ସିଏ । ପାଠରେ ମନ ଲାଗେନି, ଖେଳିବାକୁ ଭଲ ଲାଗେନି , ଶୂନ୍ୟ ଆକାଶକୁ ଚାହିଁ ଚାହିଁ ତା ଅବୁଝା ପ୍ରଶ୍ନର ଉତ୍ତର ଖୋଜୁଥିଲା ଦୁଖି । ଘରର ଦୁଃଖ ସମୟରେ ଜନ୍ମ ହୋଇଥିବାରୁ ଜେଜେ ତା ନାଁ ରଖଥିଲେ ଦୁଃଖିନି, ଡାକ ନାଁ ଦୁଖି । ଦୁଃଖ ସମୟରେ ମାନେ ତାର ଅପା, ଭଲ କରି ମନେ ନପଡିଲେବି ତାର ଝାପସା ମନେ ଅଛି । ସେଦିନ ଏମିତି ଗୋଟେଦିନ, ଅପାର ବାହାଘର ଅଳ୍ପଦିନ ହୋଇଥାଏ I ଘରେ ଏକ ପ୍ରକାର ନୀରବତା ସତ୍ତ୍ୱେ ଚିନ୍ତିତ ଥାନ୍ତି ସମସ୍ତେ । ଅପା ବାହାଘର ପାଇଁ ବାପା କୁଆଡେ ଭଲ ବିଲଟା ବିକି ଦେଇଥାନ୍ତି । ସେତିକି ବେଳେ ଅପାର ଚିଠିଟିଏ ଆସିଲା I ବାପା ଦୁଖିକୁ ଚିଠିଟା ପଢିବାକୁ ଦେଲେ । ତାକୁ ପଢିସାରି ଦୁଖି ଯେବେ ମୁହଁ ଉଠେଇ ବାପଙ୍କୁ ଚାହିଁଲା, ବାପା କାହିଁକି କାନ୍ଦୁଥିଲେ ସେ ବୁଝି ପାରିଲାନି I

ତାର କିଛି ଦିନ ପରେ, ଅପା ଶାଶୁଘରୁ ଫେରି ଆସିଲା ଯେ ଆଉ ଯାଇନି I ସେ ବି ଦୁଖିକୁ ବେଳେବେଳେ କହେ " ଦୁଖି , ମନ ଦେଇ ପାଠ ପଢ, ତୁ ଆଉ ମୋ ଭଳି କଷ୍ଟ ପାଆନା । ଏ ସଂସାରରେ ସମସ୍ତେ ସ୍ୱାର୍ଥପର, ସମସ୍ତଙ୍କର ଖାଲି ଟଙ୍କା-ସୁନା ଦରକାର I ଆମ ଭଳି ଗରିବ ଝିଅଙ୍କ ଆବଶ୍ୟକତା ବହୁତ କମ୍", ଇତ୍ୟାଦି ଇତ୍ୟାଦି... ।

ଭାବନାରେ ପୂର୍ଣ୍ଣଚ୍ଛେଦ ପକାଇ ଦୁଖି ଦେଖିଲା ସ୍କୁଲ ବେଳ ହେଲାଣି । ଅପା ପାଟି କଲାଣି; ସ୍କୁଲ ୟୁନିଫର୍ମ ପିନ୍ଧି ପ୍ରସ୍ତୁତ ହେଇ ସ୍କୁଲ ଗଲା I ସ୍କୁଲରେ ଏଠି ସମସ୍ତେ ସମାନ , ଗୋଟିଏ ପ୍ରକାର ପୋଷାକ , ଏକାଠି ପ୍ରାର୍ଥନା ସଭା, ଏକାଠି ପାଠ I ତା ଭିତରେବି ସେ ନିଜକୁ ଏକା ଏକା ଅନୁଭବ କରୁଥିଲା । ସାଙ୍ଗମାନେ ସୁନ୍ଦର ସୁନ୍ଦର ସାଇକେଲରେ ବସି ସ୍କୁଲ ଆସନ୍ତି, ହେଲେ ସେ ଆସେ ଚାଲିଚାଲି I

ସେ ମନଦୁଃଖ କରେନା, ଇଏତ ଛୋଟ କଥା । ତାକୁ ପଢିବାକୁ ହେବ, ତା ନିଜ ପାଇଁ, ତା ଅପା ପାଇଁ ଆଉ ତାଠୁ ଅଧିକ ନିଜ ମା ବାପାଙ୍କ ଲୁହ ପୋଛିବା ପାଇଁ ।

ଭଲ ପଢେ ବୋଲି ସବୁ ସାର ତାକୁ ଭାରି ଭଲ ପାଆନ୍ତି ଆଉ ସବୁଠୁ ଅଧିକ ଭଲ ପାନ୍ତି ପ୍ରଧାନ ଗୁରୁଜୀ I ତାଙ୍କର ସବୁ ବେଳେ ଗୋଟିଏ କଥା " ଦେଖ ମା, ପଢିବୁତ ଭଲକି ପଢ, ନିହାତି ମାଟ୍ରିକ ପାସ କଲେ କୋଉଠିତ ଶିକ୍ଷକ ଟିଏ ହେଇ ପାରିବୁ, ନିଜ ଗୋଡରେ ଛିଡା ହୋଇ ତୋ ପରିବାର ନାଁ ରଖିପାରିବୁ " । ଦୁଖି ବି ଖୁବ ମନଦେଇ ପଢେ, ସେ ନିଶ୍ଚୟ ଦିନେ ଗୁରୁଜୀଙ୍କ କଥା ରଖିବ ।

ସମୟ ଗଡି ଚାଲିଛି, ସେହି ବର୍ଷ ମାଟ୍ରିକ ଫାର୍ଷ୍ଟ ଡ଼ିଭିଜନରେ ପାସ କରି ମଧ ତା ମନ ଖୁସି ନୁହଁ I ବାପା ବୋଉ କଥା ହେଉଥିଲେ , ଝିଅ ବଡ ହେଲାଣି, ଭଲ ବରଟିଏ ଦେଖି ତାକୁ ହାତରୁ ଦିହାତ କରିଦେବା ପାଇଁ I ଝିଅ ଜନ୍ମତ ପର ଘରକୁ, କାହିଁକି ଆଉ ପରଧନ ଘରେ ସାଇତି ରଖିବେ ? ଗାଁ ଗୁରୁଜୀ ଆଉ ଗାଁର ଅନେକ ପୁରୁଖା ଲୋକ ଦୁଖିକୁ ପ୍ରଶଂସା କଲା ପରେ ବି ସେ ମୁହଁ ଲୁଚେଇ କାନ୍ଦୁଥିଲା I

ଅପା ପରି ସେ ଆଉ ବାହା ହେଇ ଘରେ ବସିବନିତ, ତା ବର ଆଉ ତାକୁ ଘରୁ ତଡି ଦବନିତ, ବାପା ମା ତା ପାଇଁ ଜୀବନ ଯାକ କାନ୍ଦିବେନିତ ? ନା; ସେ ଆହୁରି ପଢିବ, ଏଇ କଥା ମନରେ ଜିଦି କରି ସେ ଶୋଇଗଲା I ସାଙ୍ଗ ମାନେ ସବୁ ଗାଁ ପାଖ କଲେଜରେ ନାଁ ଲେଖେଇ ଦେଇଥାନ୍ତି । ସେ ସାହାସ କରି ତା ଅପାକୁ ମନ କଥା କହିଲା, " ଅପା ତୁ ଟିକେ ବାପାଙ୍କୁ କହୁନୁ , ମୋଠୁ କମ ନମ୍ବର ରଖି ଝିଅ ମାନେ କଲେଜ ପଢୁଛନ୍ତି, ମୁଁ ଏତେ ନମ୍ବର ରଖି ଘରେ ବସିବି ?" । ଅପା କହିଲା " ମୁଁ ତ ବାପାଙ୍କ ଉପରେ ବୋଝ, ସେ କଣ ମୋ କଥା ଶୁଣିବେ , ତୋ କଥା ତୁ ନିଜେ କହ । ମୁଁ ବାପାଙ୍କୁ ବୁଝେଇବା ପାଇଁ ନିଶ୍ଚୟ ଚେଷ୍ଟା କରିବି। ଯାହା ମୁଁ ନପାଇଲି ତୋତେ ନିଶ୍ଚୟ ମିଳୁ , ମୁଁ ତୋ ପଛରେ ଅଛି " I

ଅତି ସଂତର୍ପଣରେ ଛେପ ଢୋକି ବହୁତ ସାହାସ କରି ବାପାଙ୍କୁ କହିଲା " ବାପା ଗୋଟେ କଥା କୁହନ୍ତୁ, ମୁଁ ଝିଅ ନହୋଇ ପୁଅଟେ ହେଇଥିଲେ ମତେ କଣ କଲେଜ ପାଇଁ ମନା କରିଥାନ୍ତ ? ମତେ ପଢିବାକୁ ଦିଅ ବାପା, ମୁଁ ପଢିବି, ବହୁତ ପଢିବି I ପୁଅ ହେଇଥିଲେ ଯାହା କରିଥାନ୍ତି, ତାଠୁ ଅଧିକ

କରିବି, ମତେ ଥରେ ପଢିବାର ସୁଯୋଗ ଦିଅ । " ବାପାଙ୍କ ମୁହଁରେ ରାଗ ସ୍ପଷ୍ଟ ବାରି ହେଉଥିଲେବି ଆଖି ଓଦା ହୋଇଆସିଥିଲା I ପଇସା ଅଭାବ କଥା ମନରେ ଲୁଚେଇ ନେଇ ବାପା ଦୁଖିକୁ ପାଖକୁ ଡାକି କହିଲେ " ଠିକ ଅଛି ଧନ , ତୁ ପଢ , ଯେତେ ଇଛା ପଢ, ଆମ ଘରର ଅବସ୍ଥା ତୁ ଜାଣୁ, ହେଲେ ସେ ସବୁ ଭାବି ପଛେଇ ଯିବୁନି" । ବାପା କଣ କହିବାକୁ ଚାହାନ୍ତି ଦୁଖି ବୁଝିଗଲା ଆଉ କହିଲା ବାପା ଇଛା ଥିଲେ ଉପାୟ ଆପେ ମିଳିଯିବ ।

ତାପରେ ପଛକୁ ଚାହିଁନି ଦୁଖି I ଆଗ କଲେଜ , ତାପରେ ପାଖ ସହରର ଇଉନିଭର୍ସିଟିରେ ସ୍କଲାର୍ଶିପ ପାଇ ପଢି ଚାଲିଛି, ସେଇ କିଛି ବର୍ଷରେ ଅନେକ ପରୀକ୍ଷା ଦେଇଛି । ଦିନେ ସନ୍ଧ୍ୟାରେ ଦୁଖି ହାତରେ ଲଫାପା ଦେଇ ପୋଷ୍ଟ ପିଅନ ପଚାରିଲା, "ଏଥିରେ କଣ ଅଛିକିରେ ଦୁଖି" I ସରକାରୀ ଚିଠି ଚିହ୍ନିପାରି ଦୁଖି ଲଫାପା ଖୋଲି ଚିଠି ପଢିସାରିବା ବେଳକୁ ତା ଆଖିରେ ଲୁହ ଆଉ ଓଠରେ ହସ ଥାଏ । ଦୁଖି ହେଉଛି ସେ ଗାଁର ନୂଆ ପୋଷ୍ଟ ମାଷ୍ଟର I ଖବରଟା ତା ଘରେ ଜାଣି ପୁରା ଗାଁ ଯାକ ଲୋକ ଜାଣିଲେ । ଏତେ ସମୟ ପରେବି ତା ଆଖିରୁ ଲୁହ ସୁଖି ନଥାଏ । ବାପା କହିଲେ " ତୋ ତପସ୍ୟାର ଫଳ ତୋତେ ଭଗବାନ ଦେଲେ" ।

ଦୁଇ ଦିନ ପରେ ଗାଁ ମୁଖିଆ ଗୋଟେ ସଭା ଡକେଇଲେ, ଗାଁର ପ୍ରଥମ ଚାକିରିଆ ଝିଅ ହେଲା ଦୁଖି I ସେହି ସଭାରେ ମଞ୍ଚ ଉପରେ ବଡ ବଡ ଅକ୍ଷରରେ ଲେଖା ଥାଏ ଆମ ଗାଁର " **କନ୍ୟା ରତ୍ନ**" ।

ରଣପଶି,ଢେଙ୍କାନାଳ

# ଜୀବନ

ପୀତାମ୍ବର ମିଶ୍ର

ସମୟ ପ୍ରାୟଃ ଅପରାହ୍ନ ୧୨ ଟା ହେବ, ପ୍ରବଳ ଖରା ହେଉଥାଏ, ମୁଁ ଅଫିସ ଯିବାକୁ ଅଫିସ ଗାଡିକୁ ଆମ ଛକ ପାଖେ ଥିବା ବରଗଛ ଚଉତରାରେ ବସି ଅପେକ୍ଷା କରିଥାଏ । ହଠାତ ମୋ ଆଖି ପଡିଲା ଜଣେ ବୁଢା ଲୋକଙ୍କ ଉପରେ (ବୟସ ପାଖାପାଖି ୭୦), ଚେହେରାରୁ ଉଦାସୀନତା ବାରିହୋଇ ପଡୁଥାଏ ।

ମୁଁ କିଛି କହିବା ପୂର୍ବରୁ ଲୋକଟି ମୋତେ ପାଣି ମାଗିଲେ, ମୁଁ ପାଣି ବୋତଲ ତାଙ୍କ ହାତକୁ ବଢ଼ାଇ ଦେଲି । ଲୋକଟି କିଛି ନକହି ଢକଢକ କରି ଅଧା ପାଣି ପିଇସାରି ଆଶ୍ୱସ୍ତ ହେଲେ । ଲୋକଟି କଥାରୁ ଜାଣିଲି, ତାଙ୍କ ଘର ଓଡିଶା । ବହୁତ ଖୁସି ଲାଗେ ଯେତେବେଳେ କେହି ଓଡିଶା ଲୋକ ଙ୍କ ସହ ଭେଟ ହୁଏ ।(କହି ରଖେ, ମୁଁ ବି ଓଡିଶାରୁ କିନ୍ତୁ ସେତେବେଳେ ବାଙ୍ଗାଲୋରରେ ଚାକିରୀ କରୁଥାଏ ।)

ତେଣୁ ଆମେ ଦୁହେଁ ଓଡ଼ିଆରେ କଥା ଆରମ୍ଭ କରିଦେଲୁ...

ମନ ଦୁଃଖର କାରଣ ପଚାରି ଜାଣିଲି, ଲୋକଟି ପୁଅ ପାଖକୁ ଆସିଥିଲେ ଟଙ୍କା ପାଇଁ ବ୍ୟାଙ୍କ ଲୋନ ଶୁଝିବା ସହ ସାନ ଝିଅର ବାହାଘର କରିବାକୁ । କିନ୍ତୁ ପୁଅ ବୋହୁ ଉଭୟ ପଇସା ଦେବାକୁ ସଫା ମନା କରିଦେଇ ଅପମାନ ଦେଇ ଘରୁ ଦରୱାନ ଡାକି ବିଦା କରିଦେଲେ । ପୁଅ କହିଲା ତୁମେ ମୋ ପାଇଁ କଣ କରିଛ ଯେ ପଇସା ସବୁବେଳେ ମାଗୁଛ ।(ଏତିକି କହି ଲୋକଟି କାନ୍ଦି ପକେଇଲା, ମୁଁ ଚେଷ୍ଟା କଲି ସାନ୍ତ୍ୱନା ଦେବାକୁ ।)

କହି ରଖେ, ଲୋକଟିର ପୁଅ ବୋହୁ ଉଭୟ ଏଇ ବାଙ୍ଗାଲୋରରେ କମ୍ପାନୀ ଚାକିରୀ କରନ୍ତି । ପୁଅ ପ୍ରଥମେ କିଛି ଟଙ୍କା ଘରକୁ ପଠାଉ ଥିଲା ଏବଂ ଘରକୁ ବି ଯାଉଥିଲା । ଗଲା ବର୍ଷ ପୁଅ ଘରେ ନ ଜଣେଇ ବଡଲୋକ ଝିଅକୁ ଭଲପାଇ ବାହାହେଇ ଶ୍ୱଶୁର ଘରେ ରହୁଛି ।

ଘରଲୋକ ବହୁତଥର କହିବାରୁ ପୁଅ ବୋହୁ ଗାଁ କୁ ଯାଇଥିଲେ ମାତ୍ର ଅଳ୍ପ କିଛିଦିନ ରହି ପୁଣି ବାଙ୍ଗାଲୋର ଫେରି ଆସିଲେ କାରଣ ଗାଁ ରେ ସହର ଭଳି ସୁବିଧା ନ ଥିଲା । ବୋହୁ ବିନା ଏସି (ଶୀତତାପ ନିୟନ୍ତ୍ରିତ ଯନ୍ତ୍ର) ରେ ରହିପାରିଲାନି କିମ୍ବା ଚୁଲିରେ ରୋଷେଇ କରିପାରିଲାନି ।

ପୁଅକୁ ପଢେଇବାକୁ ଘର ଜମିବନ୍ଧା ଦେଇ ବ୍ୟାଙ୍କ ଲୋନ କରିଥିଲେ, କିନ୍ତୁ କିସ୍ତି ଦେଇ ନ ପାରିବାରୁ ବ୍ୟାଙ୍କ ନୋଟିସ ଦେଇଛି ଘର ନିଲାମ କରିବାକୁ ଏପଟେ ସାନ ଝିଅର ବାହାଘର ଯୌତୁକ ପାଇଁ ୫୦୦୦୦ ଟଙ୍କା ସହ ମୋଟରସାଇକେଲ ଯୋଗାଡ଼ ନ ହେଇପାରିବାରୁ ବାହାଘର ଭାଙ୍ଗି ଯାଉଛି ।

ବୁଢା ଲୋକଟି ପିଅନ ଚାକିରିରୁ ରିଟାଏର୍ଡ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପୁରା ପେନସନ ହେଇ ପାରୁନି କାରଣ ସରକାରୀ ଅଫିସର ମାନଙ୍କ ପକେଟ ଭରି ପାରୁନି । ପ୍ରୋଭିଜିଓନାଲ ପେନସନ ପଇସା ଘରଖର୍ଚ୍ଚ ସହ ମେଡ଼ିସିନକୁ ନିଅଣ୍ଟ ହେଉଛି, ବ୍ୟାଙ୍କ ଲୋନ ଆଉ ଯୌତୁକ ପାଇଁ ପଇସା କେଉଁଠୁ ରହିବ.... (ଏତିକି କହି ଲୋକଟି ପୁଣି ଥରେ କାନ୍ଦି ପକେଇଲା, ମୁଁ ଚେଷ୍ଟା କଲି ସାନ୍ତ୍ୱନା ଦେବାକୁ ।)

ମୁଣ୍ଡଫଟା ଖରାରେ ଦେହରୁ ଝାଳ ଗୁଡାକ ବାହାରି ଲୋକଟି ପୁରା ଓଦା ହୋଇ ଯାଇଥିଲା କିନ୍ତୁ ଲୋକଟି ର କଥା ସରୁ ନଥାଏ ସତେ ଯେମିତି ହୃଦୟର କୋହ ଗୁଡାକ ଶବ୍ଦରେ ଆକାର ରେ ଭାସି ଆସୁଥାଏ ।

ଏତିକି ଭିତରେ ମୁଁ ଲୋକଟିକୁ ବାଧ୍ୟ କରି, ଦୁହେଁ ଆଖୁରସ ପିଇସାରିଥାଉ...

ଲୋକଟି ଆଖୁରସ ପିଇସାରି ପୁଣି ଥରେ କହିବାକୁ ଲାଗିଲା, ଯାହା ପଇସା ସାଙ୍ଗରେ ଆଣିଥିଲି ବାଟ ଖର୍ଚ୍ଚ ଆଉ ଖାଇବାରେ ସରି ଆଉ ଯେତିକି ଅଛି ଘରକୁ ଫେରିବା ପାଇଁ ଟ୍ରେନ ଟିକେଟ କିଣିବା ପାଇଁ ମଧ୍ୟ କମ ହେଉଛି...

ଲୋକଟିର କଥା ଶୁଣିବା ଭିତରେ ଅଜାଣତରେ ମୋ ଆଖିରେ ଲୁହ ଆସିଯାଇଥିଲା.... ମନରେ ଭାବୁଥିଲି ସତରେ କ'ଣ ଏଭଳି ପୁଅମାନେ ବାପ ମା' ଙ୍କୁ ପୁତ ନାମକ ନର୍କରୁ ଉଦ୍ଧାର କରିବେ ...

ଲୋକଟି ମନାକରିବା ସତ୍ତ୍ୱେ ମୁଁ ତାଙ୍କୁ ହୋଟେଲକୁ ନେଇ ଖୁଆଇସାରି ଷ୍ଟେସନରେ ଟିକେଟ କରି ଓଡିଶା ଟ୍ରେନରେ ବସେଇଦେଲି ଆଉ କିଛି ଟଙ୍କା ମଧ ଦେଲି ଏବଂ ଲୋକଟିଙ୍କୁ ପ୍ରଣାମ କଲାବେଳେ ଲୋକଟି ମୋତେ ବହୁତ ଆଶୀର୍ବାଦ ଦେଲେ I ଟ୍ରେନ ଧୀରେଧୀରେ ପ୍ଲାଟଫର୍ମରୁ ଦୁରେଇ ଯାଉଥାଏ ଏବଂ ଲୋକଟି ମୋତେ ଅପଲକ ନୟନରେ ଝରକା ବାଟେ ଚାହିଁ ରହିଥାଏ....

ସେତେବେଳକୁ ଦିନ ୨.୩୦ ହୋଇ ଯାଇଥିଲା, ମୁଁ ଅଫିସ ଗାଡିକୁ ମିସ କରିଯାଇଥିଲି, ସେଥିପାଇଁ ବସରେ ଅଫିସ ଯିବାକୁ ବାହାରିଲି I

ବସରେ ଗଲାବେଳେ ମୋ ମନରେ ଉଙ୍କି ମାରୁଥାଏ କିଛି ପ୍ରଶ୍ନ ସହ ଓଡ଼ିଆ ଛବିଳ ମଧୁ ବର୍ଣ୍ଣବୋଧର ଲେଖା....

୧. ନିଜ ସୁଖକୁ ଭୁଲି ପିଲା ମାନଙ୍କୁ ଉଚ୍ଚ ଶିକ୍ଷିତ କରିବା କଣ ଭୁଲ ??

୨. ଗାଁରେ ରହି ସହର ଭଳି ସୁବିଧାରୁ ବଂଚିତ ହେଉଥିବା ଲୋକମାନେ ଦାୟୀ ??

୩. ସହରରେ ଚାକିରି କରି ବାପ ମା’ ଙ୍କୁ ବୋଝ ବୋଲି ଭାବୁଥିବା ଲୋକମାନେ ଦାୟୀ ??

"ପିତାମାତା ଠାରୁ ବଡ ଦେବତା କେ
ସରଗ ରାଇଜେ ନାହିଁ
ତାଙ୍କରି ଆଶିଷ ସାହା ଏକା ସିନା
ବିପଦୁ ତରିବା ପାଇଁ" (ଛବିଳ ମଧୁ ବର୍ଣ୍ଣବୋଧ)

ବି.ଦ୍ର : ଏହି କାହାଣୀରେ ଥିବା ସମସ୍ତ କଥାବସ୍ତୁ କାଳ୍ପନିକ ଏବଂ ଏହି ଗଳ୍ପ ଦ୍ୱାରା କୌଣସି ବ୍ୟକ୍ତିଙ୍କୁ ଆଘାତ ଲାଗିଲେ ଦୟାକରି କ୍ଷମା କରିଦେବେ I

ଜଗତସିଂହପୁର

# ଏକ ନିର୍ଦ୍ଧିଷ୍ଟ ତାରା

ପ୍ରିୟଙ୍କା ସାହୁ

ଆଜି କଣ ହୋଇଛି କାହିଁକି ମୁଁ ନିଜକୁ ଭାରି ଏକଲା ଅନୁଭବ କରୁଛି । ସେମିତି କିଛି ତ ଘଟିନି ଲାଗୁଛି ଯେମିତି ମୁଁ କେଉଁ ଜିତିବା ବାଜି ହାରିଯାଇଛି ଆଜି । ବେଳେବେଳେ ମାଟି ଉପରେ ଠିଆ ହୋଇଥିବା ମଣିଷଟା ଥରୁଛି ନା ପାଦ ତଳେ ଥିବା ମାଟି ଥରୁଛି ତାର ଫରକ ବାରି ହୁଏନି । ତଥାପି କିଛି କାରଣ ନ ଥାଇ ଏମିତି ଅନୁଭବ କାହିଁକି ।

ଆଜି ଘରେ ବହୁତ କୋଳାହଳ ପୂର୍ଣ୍ଣ ପରିବେଶ । ସମସ୍ତେ ବେଶ୍ ଆନନ୍ଦ ଅନୁଭବ କରୁଛନ୍ତି । ଘରକୁ ବନ୍ଧୁ ଆସିଛନ୍ତି । ବିଦେଶରୁ ଭାଇବି ଆସିଛି ସେମାନଙ୍କ କର୍ମମୟ ଜୀବନର ସଂଘର୍ଷ ଓ ତାଙ୍କ ଘଟିଥିବା ଅନେକ ମିଠାମିଠା ଘଟଣା ଓ ଦୁର୍ଘଟଣା ବିଷୟରେ ବଖାଣି ଚାଲିଛନ୍ତି । ପରିବାରର ବାକି ଲୋକମାନେ ସେଇସବୁ କାହାଣୀକୁ ଆକଣ୍ଠ ପାନ କରି ଯାଉଛନ୍ତି । ସତେ ଯେମିତି କାହିଁକୋଉ ଯୁଗରୁ ତୃଷାର୍ତ ଥିଲେ । ଅଶୀତିପରର ମୋ ବୁଢିମା ବି ତା ପାନ ଖିଆ ନାଲି ଟହଟହ ପାକୁଆ ପାଟିରେ ଅନେକ ମଜା ମଜା କଥା କହୁଛି ।

ଏତେ ଭିଡରେ ଚାରି ପାଖେ ଖୁସିର ମାହୋଲ ଭିତରେ ମୁଁ କେମିତି ଏକୁଟିଆ ହୋଇଯାଉଛି । ନିଜ ପାଖେ ନିଜେ ହାରି ଯାଉଛି । ଚେଷ୍ଟାକରି ମଧ୍ୟ ସେମାନଙ୍କ ଖୁସିରେ ନିଜକୁ ସାମିଲ କରି ପାରୁନି । ମୋ ହୃଦସ୍ପନ୍ଦନର ବେଗ ବଢିବାରେ ଲାଗିଲା । କବାଟ ଖୋଲି ବାହାରକୁ ଆସିଲି । ସନ୍ଧ୍ୟା ପରେ ରାତ୍ରିର ପ୍ରଥମ ପ୍ରହର । ଆସନ୍ନ ଶୀତଋତୁ । ବାହାରେ ଶୀତର ପ୍ରକୋପ ଅଛି କିନ୍ତୁ ମୁଁ ଶୀତର ପ୍ରଭାବ ବାରି ପାରୁ ନଥାଏ । ଅଗଣାରେ ଥିବା ଚଉକିରେ ବସିଶୂନ୍ୟ ଆକାଶକୁ ଚାହିଁଲି । କାହିଁକି କେଜାଣି ସବୁଦିନ ଆକାଶର ବିଶାଳ ବକ୍ଷ ଦେଶକୁ ଚାହିଁ ରହିବା ମୋର ପିଲାଦିନରୁ ଅଭ୍ୟାସ । ଆଖି ମିଟିମିଟି କରୁଥିବା ତାରାମାନଙ୍କୁ ଦେଖିଲେ ମନଟା କେମିତି ପୁଲକିତ ହୋଇଉଠେ । ମୋତେ ଲାଗେ ଏତେ ଦୂରରେ କେଉଁ ଏକ ନିର୍ଦ୍ଧିଷ୍ଟ ତାରାଟି ମୋ ମନର ପରିଭାଷାକୁ ପଢିପାରେ ।

ତାର ଚିକ୍ ଚିକ୍ ଆଲୁଅ ମାଧ୍ୟମରେ ମୋ ମନ ତଳର ଅକୁହା କୋହକୁ ହରିନିଏ I କିନ୍ତୁ ମୁଁ ନିର୍ବୋଧ ତା ହୃଦୟକୁ ଆଜି ଯାଏଁ ବୁଝିପାରେନି I

ମାତ୍ର ଦୁଃଖର ବିଷୟ ଆଜି ଆକାଶଟା ପୂରା ଶୂନ୍ୟ ଲାଗୁଛି ଗୋଟିଏ ବି ତାରା ଦେଖାଯାଉନି I କଳାଘୁମର ଆକାଶଟା ଯେମିତି ଉଦାସ ଉଦାସ

ଲାଗୁଛି I ମୋ ଛାତିତଳେ ଏକ ଅଜଣା ଭୟର ଆତଙ୍କ ଖେଳିଗଲା I ଏ ତାରାମାନେ ସବୁ ଆଜି କୁଆଡେଗଲେ I

ଘର ଭିତରେ ଭାଇ ଟିଭିର ଭଲ୍ୟୁମ  ବଢାଇଲା ନ୍ୟୁଜ ଶୁଣିବା ପାଇଁ I ଅଗଣାକୁ ଖବର ଦାତାଙ୍କର ସ୍ୱର ଭାସିଆସୁଥାଏ I ଆସନ୍ତା ୨୮ ତାରିଖରେ ବାତ୍ୟା ହେବାର ସମ୍ଭାବନା ଅଛି I ୨୭ ତାରିଖରୁ ବର୍ଷା ସହ ପବନ ବହିବ I

ତେବେ କଣ ଏଇ ତାରାମାନେ ଏତେ ଭୟାଳୁ ସ୍ୱଭାବର I ବାତ୍ୟା ହେବାକୁ ଆହୁରି ୨ ଦିନ ବାକି ଅଛି I ଆଜିଠାରୁ ତାରାମାନେ ଆତ୍ମଗୋପନ କରିଛନ୍ତି I ନା...ନା ଏହା କେମିତି ସମ୍ଭବ ! ଯେଉଁ ତାରା ମୋ ମନର ଭୟକୁ ଦୂରେଇ ଦେଇ ପାରେ ସେଇ ତାରାଟି କେମିତି ଭୟଭୀତ ହୋଇ ପଳାୟନ କରି ପାରିବ ?

ଏତେ ବଡ ବିଶାଳ ଆକାଶରେ ମୁଁ ସେଇ ତାରାଟିକୁ ଖୋଜିବାରେ ଲାଗିପଡିଲି I ମୋର ବିଶ୍ୱାସ ଥିଲା ସେ ତାରା ନିଶ୍ଚୟ ଆସିବ I ତାକୁ ଦେଖିଲେ ମୋତେ ଖୁସି ଲାଗେବୋଲି ସେ ତାରା ବି ଜାଣିଛି I ତେଣୁ ମୁଁ ସେଇ ନିର୍ଦ୍ଦିଷ୍ଟ ତାରାର ଅପେକ୍ଷାରେ ଅଗଣାରେ ବସିରହିଲି I କିଛିସମୟ ପରେ ଦେଖିଲି କଳାବାଦଲ ଫାଙ୍କରୁ ଫିକାଚାନ୍ଦ ଦିଶୁଛି ସେଇ ଚାନ୍ଦ ଠାରୁ ଅଳପ ଦୂରରେ ତାରାଟି ମତେ ଚାହିଁଛି I

ସାହାନିଆଜପୁର,କଟକ

ପ୍ରିୟ ପାଠକ ଓ ପାଠିକା,

- ପ୍ରେରଣା ଇ-ପତ୍ରିକାର ଏହା ଦ୍ୱିତୀୟ ସଂସ୍କରଣ । ଏହି ନଭେମ୍ବର ସଂସ୍କରଣଟି ଆପଣଙ୍କୁ କିପରି ଲାଗିଲା ଆମକୁ ନିଶ୍ଚିନ୍ତ ଜଣାନ୍ତୁ ।
- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ଉତ୍ସାହିତ କରିବା ପାଇଁ ତଥା ପତ୍ରିକାକୁ ଅଧିକ ସରସ ସୁନ୍ଦର କରିବାରେ ଆପଣଙ୍କ ସୁଚିନ୍ତିତ ମତାମତ ନିତ୍ୟାନ୍ତ ଆବଶ୍ୟକ ।
- ପ୍ରକାଶନରେ ରେ ହୋଇଥିବା କୌଣସି ତ୍ରୁଟି ଆମକୁ ଜଣାଇଲେ ପରବର୍ତ୍ତୀ ସଂସ୍କରଣରେ ତା'ର ମାର୍ଜନା ପ୍ରତି ଯତ୍ନବାନ ହେବୁ ।

**ଆପଣଙ୍କ ମତାମତ ପ୍ରେରଣା ୱେବସାଇଟରେ**

**(www.preranaodia.com/feedback)ପ୍ରଦାନ କରିବାକୁ ଅନୁରୋଧ ।**

# www.preranaodia.com